## ସଂକ୍ଷେପରେ

### 'ଲୋକଙ୍କୁ ପ୍ରତାରଣା କରାଯାଇଛି'

**ଭଦ୍ରକ ଅଫିସ, ୧୬।୧୨:** କାଳିଆ ଯୋଜନାରେ ଲୋକଙ୍କୁ ପ୍ରତାରଣା କରାଯାଇଛି। ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଲୋଭ ଦେଖାଇ ଭୋଟ ନେଇ ସେମାନଙ୍କ ବିଶ୍ୱାସରେ ବିଷ ଦିଆଯାଇଛି ବୋଲି ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଅଭିଯୋଗ ହୋଇଛି। ଏହା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସଙ୍ଗଠନ ଦାବି କରିଛି। ସୋମବାର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ବ୍ଲକରୁ ଆସିଥିବା ନେତୃବୃନ୍ଦ ଲୋକଙ୍କୁ ପ୍ରତିଶ୍ରୁତି ଦେଇ ପରେ ଫାଙ୍କିବା ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ଜଣାଇଛନ୍ତି। ଶେଷରେ ସେମାନେ ଏ ନେଇ ଏକ ଦାବିପତ୍ର ଜିଲା ଆରକ୍ଷୀ ଅଧୀକ୍ଷକ ରାଜେଶ ପଣ୍ଡିତଙ୍କୁ ପ୍ରଦାନ କରିଥିଲେ। ଜିଲା ସହ ସଂଯୋଜକ ସତ୍ୟରଞ୍ଜନ ନାୟକ, ଉପଦେଷ୍ଟା ବିଜୟ କୁମାର ନାୟକ, ଭଣ୍ଡାରିପୋଖରୀ ବ୍ଲକ ସଂଯୋଜକ ବିବେକାନନ୍ଦ ଜେନା, ତିହିଡ଼ିର ଗଗନ ବିହାରୀ ମହାନ୍ତି, ଚାନ୍ଦବାଲିର କୃଷ୍ଣଚନ୍ଦ୍ର ବିଶ୍ୱାଳ, ରବୀନ୍ଦ୍ର ପଣ୍ଡା ଓ ଧାମନଗର ବ୍ଲକ ସଂଯୋଜକ ପୀତବାସ ମହାନ୍ତି ପ୍ରମୁଖ ପ୍ରତିବାଦ କରିଥିଲେ।

### ଜିଲାସ୍ତରକୁ ଗଲେ ୨୦ କୃତୀ ପ୍ରତିଯୋଗୀ



**ବନ୍ତ, ୧୬।୧୨(ଡି.ଏନ.ଏ.):** ବନ୍ତ ବ୍ଲକ ଶିଆଳିଆ ନୋଡାଲ ହାଇସ୍କୁଲଠାରେ ସୋମବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୨ ହାଇସ୍କୁଲର ୧୮୫ ଛାତ୍ରୀଛାତ୍ର ୧୦ଟି ବିଭାଗରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୨୦ ପ୍ରତିଯୋଗୀ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର କର ଓ ଶିକ୍ଷାବିତ୍ ଗୋବିନ୍ଦ ଚନ୍ଦ୍ର ବାରିକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ବାସନ୍ତୀ କୁମାରୀ ମିଶ୍ର ପୌରୋହିତ୍ୟ କରିଥିଲେ। ଅତିଥି ଭାବେ ଓଷ୍ଟାର ଜିଲା ସଭାପତି ଉପେନ୍ଦ୍ର ପ୍ରସାଦ ପାଢ଼ୀ, ସମ୍ପାଦକ ପ୍ରଦୀପ୍ତ କୁମାର ଦାଶ, ଓଷ୍ଟା ରାଜ୍ୟ ସମ୍ପାଦକ ଅକ୍ଷୟ କୁମାର ହୋତା, ରାଜ୍ୟ ଉପସଭାନେତ୍ରୀ ସୁରଜିତା ନାୟକ, ସମାଜସେବୀ ପ୍ରେମାନନ୍ଦ ନାୟକ, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଦଶରଥ ଜେନା, ରଞ୍ଜନ କୁମାର ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଶ୍ରୀକାନ୍ତ ପଣ୍ଡା ଅତିଥି ପରିଚୟ ପ୍ରଦାନ ଏବଂ ଓଷ୍ଟାର ବ୍ଲକ ସମ୍ପାଦକ ଶଶିଶେଖର କରଶର୍ମା ବାର୍ଷିକ ବିବରଣୀ ପାଠ କରିଥିଲେ। ଆଲୋକ ମୁଖାର୍ଜୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ସୌମ୍ୟଶ୍ରୀ ଆଶୁତୋଷ ନାୟକଙ୍କୁ ଓଷ୍ଟା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ମୁକ୍ତାଶ୍ରୟରୁ ନାବାଳିକା ଫେରାର

**ଭଦ୍ରକ ଅଫିସ, ୧୬।୧୨:** ତିହିଡ଼ି ପୋଲିସ ଦ୍ୱାରା ଉଦ୍ଧାର ହୋଇ ଆସିଥିବା ମୁକ୍ତାଶ୍ରୟରେ ଗତ ୧୨ ତାରିଖରୁ ରହୁଥିବା ଜଣେ ନାବାଳିକା ସୋମବାର ସନ୍ଧ୍ୟାରେ ଫେରାର ହୋଇଯାଇଛନ୍ତି। ମୁକ୍ତାଶ୍ରୟର କର୍ମକର୍ତ୍ତାମାନେ ସନ୍ଧ୍ୟାରେ କୌଣସି କାମ ପାଇଁ ପଛପାଖ ଫାଟକ ଖୋଲା ରଖିଥିଲେ। ସେମାନେ ଅନ୍ୟମନସ୍କ ଥିବା ସମୟରେ ନାବାଳିକା ଉକ୍ତ ଦ୍ୱାର ଦେଇ କେଉଁଆଡ଼େ ପଳାଇ ଯାଇଛନ୍ତି। ମୁକ୍ତାଶ୍ରୟର କର୍ମଚାରୀମାନେ ଖୋଜାଖୋଜି କରିବା ପରେ କୌଣସି ଖବର ନ ମିଳିବାରୁ ପୁରୁଣାବଜାର ଥାନାରେ ନିଖୋଜ ଏତଲା ଦାଏର କରିଥିବା ସୂଚନା ମିଳିଛି।

### ଅପହୃତା ନାବାଳିକା ଉଦ୍ଧାର: ଯୁବକ ଗିରଫ

**ଭଣ୍ଡାରିପୋଖରୀ, ୧୬।୧୨(ଡି.ଏନ.ଏ.):** ଭଣ୍ଡାରିପୋଖରୀ ଥାନା ସାନଶାସନ ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ପରିବାର ପକ୍ଷରୁ ଗତ ନଭେମ୍ବର ୧୪ରେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗକୁ ଭିତ୍ତିକରି ମାମଲା(ନଂ.୧୯୫/୧୯) ରୁଜୁ କରି ତଦନ୍ତ ଜାରି ରଖିଥିଲା। ପୋଲିସ ତାମିଲନାଡୁ ଅଞ୍ଚଳରୁ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିଥିବା ବେଳେ ଅପହରଣକାରୀ ଯୁବକ ରାଣୀପଡ଼ା ଗ୍ରାମର ସଞ୍ଜୟ ଜେନାଙ୍କୁ ଗିରଫ କରିଛି।

# ୪୮ ଘଣ୍ଟାରେ ଚାଷୀଙ୍କୁ ମିଳିବ ଟଙ୍କା




ବୈଠକରେ ଜିଲାପାଳ ଜ୍ଞାନରଞ୍ଜନ ଦାସ, ବିଧାୟକ ପ୍ରଫୁଲ୍ଲ ସାମଲ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

- ୨୦ରୁ ହେବ ଧାନକିଣା
- କ୍ରୟ ପ୍ରକ୍ରିୟାରେ ସ୍ୱଚ୍ଛତା ଲାଗି କଡ଼ା ନିର୍ଦ୍ଦେଶ

**ଭଦ୍ରକ ଅଫିସ, ୧୬।୧୨**

ଭଦ୍ରକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ପରିସରରେ ସୋମବାର ଚଳିତବର୍ଷର ଧାନକିଣାକୁ ନେଇ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଜ୍ଞାନରଞ୍ଜନ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ଆସନ୍ତା ୨୦ ତାରିଖରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଚାଷୀଙ୍କଠାରୁ ଧାନ କିଣାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ୯୯ଟି ସମବାୟ ସମିତି ଓ ୨୭ଟି ମହିଳା ସଂଘ ମାଧ୍ୟମରେ ଜିଲାରେ ପଞ୍ଜୀକୃତ ହୋଇଥିବା ୫୧ ହଜାର ୨୧୩ ଚାଷୀଙ୍କଠାରୁ ପ୍ରାୟ ୧୩ ଲକ୍ଷ କ୍ୱିଣ୍ଟାଲ ଧାନ କ୍ରୟ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଧାନ କିଣାଯିବାର ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଜମାଖାତାରେ ଟଙ୍କା ଜମା ହେବ ବୋଲି କୁହାଯାଇଛି। ବର୍ତ୍ତମାନ ସୁଦ୍ଧା ୧୯ ମିଲର ଧାନକ୍ରୟ କରିବେ ବୋଲି ପ୍ରଶାସନ ସହିତ ଚୁକ୍ତିନାମା ସ୍ୱାକ୍ଷରିତ କରିଥିବା କୁହାଯାଇଛି। ପୂର୍ବବର୍ଷ କେତେଜଣ ମିଲର ଚାଷୀଙ୍କୁ ଠକି ଥିବାରୁ ୬ଟି ସୋସାଇଟିକୁ ଏହି ପ୍ରକ୍ରିୟାରୁ ବାଦ୍ ଦିଆଯାଇଛି। ଧାନକିଣାରେ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ପ୍ରଶାସନ କଡ଼ା ନିର୍ଦ୍ଦେଶନାମା ଜାରି କରିଛି।

ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଉପଜିଲାପାଳ ପୀତାମ୍ବର ସାମଲ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡା, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଜିଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ଜିଲା ଯୋଗାଣ ଅଧିକାରୀ ମିର୍ ରାଜା ଅଲ୍ଲୀ, ଏମ୍‌ପିଙ୍କ ପ୍ରତିନିଧି ମଳୟ ଯେନାଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ବୈଠକରେ ଉପସ୍ଥିତ ଥିଲେ।



କଟକରେ ଅନୁଷ୍ଠିତ ଉତ୍ସବରେ କ୍ରିତିକ୍ରିଷ୍ଟାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଚିତ୍ରଶିଳ୍ପୀ କ୍ରିତିକ୍ରିଷ୍ଟାଙ୍କୁ ରାଜ୍ୟସ୍ତରୀୟ ସାରସ୍ୱତ ସମ୍ମାନ

**ଧାମନଗର, ୧୬।୧୨(ଡି.ଏନ.ଏ.)**

ଧାମନଗର ବ୍ଲକ କଟସାହି ପଞ୍ଚାୟତ ବଉଳନାଳୀ ଶାସନ ଗ୍ରାମର ୧୦ମ ଶ୍ରେଣୀ ଛାତ୍ରୀ ତଥା ଜାତୀୟସ୍ତରୀୟ ପୁରସ୍କୃତ ଚିତ୍ରଶିଳ୍ପୀ କ୍ରିତିକ୍ରିଷ୍ଟା ପଣ୍ଡାଙ୍କୁ ରାଜ୍ୟସ୍ତରୀୟ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଛି। କଟକର ଶ୍ରୀରାମ ଚନ୍ଦ୍ର ଭବନରେ ରବିବାର ସନ୍ଧ୍ୟାରେ କଟକ ଝାଞ୍ଜିରିମଙ୍ଗଳାର ଓଡ଼ିଶା ପ୍ରତିଭା ପୂଜା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ-୨୦୧୯ରେ ସଫଳ ଚିତ୍ରଶିଳ୍ପୀ ଭାବେ ତାଙ୍କୁ ଏହି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଓଡ଼ିଶା ମଡର୍ଣ୍ଣ ଆର୍ଟ ଗ୍ୟାଲେରୀ, ଦ୍ୱିତୀୟ ଆନ୍ତର୍ଜାତିକ ଧଉଳି ଆର୍ଟ ଫେଷ୍ଟିଭାଲ, ଭାରତ ସରକାରଙ୍କ ଶକ୍ତି ବିଭାଗ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ, ଓଡ଼ିଶା ମାଧ୍ୟମିକ ସ୍କୁଲ ସଂଘ ଭଳି ୩୪ଟି ସଂସ୍ଥାରୁ ସମ୍ମାନିତ ହୋଇଥିବାରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଡ. ସତ୍ୟ ରାୟ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଏ.ଏସ୍ ନାଇଡୁ ଏବଂ ସମ୍ମାନିତ ଅତିଥି ଭାବେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ବରଦା ପ୍ରସନ୍ନ ଦାସ, ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର କୁମାର ସାହୁ, ଦେବସ୍ନାନ ଦାସ ପ୍ରମୁଖ ଯୋଗ ଦେଇଥିଲେ। କ୍ରିତିକ୍ରିଷ୍ଟା ଧାମନଗର ବ୍ଲକ ସମେତ ଭଦ୍ରକ ଜିଲା ପାଇଁ ଗୌରବ ଆଣିଥିବାରୁ ଆଡଭୋକେଟ ସ୍ନେହାଶିଷ ପଣ୍ଡା, ଗୁରୁ ଜୟନ୍ତ ନାୟକ, ଆର୍ଟ ସ୍କୁଲର ସମ୍ପାଦକ ହେମେନ୍ଦ୍ର ସାହୁ ଏବଂ ଓକିଲ ସଂଘ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ଆଖଣ୍ଡଳମଣିଙ୍କୁ ଲାଗି ହେଲା ଧନୁମୁଆଁ

**ଆରଡ଼ି, ୧୬।୧୨(ଡି.ଏନ.ଏ.)**



ଆଖଣ୍ଡଳମଣି ମନ୍ଦିରରେ ବାବାଙ୍କୁ ଧନୁମୁଆଁ ଭୋଗ ସମର୍ପଣ କରାଯାଉଛି।

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିରେ ସୋମବାର ଧନୁ ସଂକ୍ରାନ୍ତିରେ ବାବା ଆଖଣ୍ଡଳମଣିଙ୍କୁ ପରମ୍ପରା ଅନୁସାରେ ଧନୁମୁଆଁ ସମର୍ପଣ କରାଯାଇଛି। ଭୋର ୪ଟା ୩୦ରେ ମନ୍ଦିରରେ ପହଡ଼ ଖୋଲିଲା ପରେ ବିଧି ଅନୁଯାୟୀ ମଙ୍ଗଳ ଆଳତି କରାଯାଇ ବାବାଙ୍କ ସ୍ନାନ ସମାପନ କରାଯାଇଥିଲା। ବାବାଙ୍କୁ ପଞ୍ଚାନନ ବେଶରେ କର୍ପୂର ଆଳତି ପରେ ବାଲ୍ୟଭୋଗରେ ଧନୁମୁଆଁ ଲାଗି କରାଯାଇଥିଲା।

ପ୍ରଥା ଅନୁସାରେ ପୂର୍ବେ ସ୍ଥାନୀୟ ବାରପଡ଼ା ଅଞ୍ଚଳର ଚାଷୀ ସେମାନଙ୍କ ପ୍ରଥମ ଶସ୍ୟରେ ଖଇମୁଆଁ ପ୍ରସ୍ତୁତ କରି ବାବା ଆଖଣ୍ଡଳମଣିଙ୍କ ଉଦ୍ଦେଶ୍ୟରେ ନିଜ ଘରେ ଭୋଗ ଦେଉଥିଲେ। ସେହିଦିନ ପୀଠକୁ ଯାଇ ବାବାମଣିଙ୍କୁ ଦର୍ଶନ କରିବା ସହ ସେଠାରେ ଭୋଗ ଦୋକାନରୁ ମୁଆଁ କିଣି ପ୍ରଭୁଙ୍କୁ ସମର୍ପଣ କରୁଥିଲେ। ସେହିପରି ସେବାୟତ ପରିବାର ନିଜ ଘରେ ଖଇ, ଛେନା, ନଡ଼ିଆ, ଚିନି, ଜୁଆଣି, ଅଦା, କର୍ପୂର ଓ ବାଦାମରେ ପ୍ରସ୍ତୁତ ମୁଆଁ ବାବାଙ୍କୁ ଭୋଗ ସ୍ୱରୂପ ପ୍ରଦାନ କରୁଥିଲେ। ଏହି ପ୍ରଥା ଏବେବି ବଜାୟ ରହିଛି। ଧନୁ ସଂକ୍ରାନ୍ତିରେ ବାବାଙ୍କୁ ପ୍ରଥମେ ପାଳିଆ ସେବାୟତ ସୀତାନାଥ ପାଢ଼ୀ ଓ ପରେ ସମସ୍ତ ସେବାୟତଙ୍କ ପରିବାର ପକ୍ଷରୁ ମୁଆଁ ଭୋଗ ଲାଗି ହୋଇଥିଲା। ଧନୁ ସଂକ୍ରାନ୍ତିରେ ଏହି ପୀଠରେ ବାବାଙ୍କୁ ସମର୍ପିତ ଧନୁମୁଆଁ ଖାଇଲେ ଶୀତଦିନେ ହେଉଥିବା ବିଭିନ୍ନ ଚର୍ମରୋଗ ଆରୋଗ୍ୟ ହୋଇଥାଏ ବୋଲି ଜନ ବିଶ୍ୱାସ ରହିଛି। ଏଥର ସୋମବାର ଧନୁ ସଂକ୍ରାନ୍ତି ପଡ଼ିଥିବାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ଭିଡ଼ ନିୟନ୍ତ୍ରଣ ପାଇଁ ଆରଡ଼ି ଫାଣ୍ଡି ଓ ଧୂଷୁରୀ ଥାନା ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଆରଡ଼ି ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକ ଓ ଧୂଷୁରୀ ଥାନ ଅଧିକାରୀ ପ୍ରଫୁଲ୍ଲ କୁମାର ସିଂ ପୀଠରେ ଉପସ୍ଥିତ ରହି ସ୍ଥିତି ଉପରେ ନଜର ରଖିଥିଲେ।

## ବିଜ୍ଞାନ ମେଳାରେ ୫୨ ପ୍ରକଳ୍ପ ପ୍ରଦର୍ଶିତ

**ପଦ୍ମପୁର, ୧୬।୧୨(ଡି.ଏନ.ଏ.)**

ବାସୁଦେବପୁର ବ୍ଲକ ନାୟକାଣିଡିହୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରଠାରେ ୧୧ତମ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମାର୍କଣ୍ଡ ତରାଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ କରଞ୍ଜଆଡ଼ିଆ ନବଘନ ମହାବିଦ୍ୟାଳୟର ଅଧ୍ୟାପିକା ଶାନ୍ତି ମହାନ୍ତି ଏବଂ ଅନ୍ୟତମ ଅତିଥି ଭାବେ ସମାପିକା ପରିଡ଼ା, କରଞ୍ଜଆଡ଼ିଆ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପାର୍ଥସାରଥୀ ବିଶ୍ୱାଳ, କେଏନ୍ ବାଳିକା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ କଳ୍ପନା ଦାସ ଯୋଗ ଦେଇଥିଲେ। ମେଳାରେ ୫୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରଧାନଆଚାର୍ଯ୍ୟା ମମତା ବାରିକ, ଶିକ୍ଷକ ମନୋଜ ଦାସ, ଅରୂପାନନ୍ଦ ମହାନ୍ତି, ପ୍ରଶାନ୍ତ ମଳିକ ପ୍ରମୁଖ ପରିଚାଳନା କରିଥିଲେ।

## ୨୩୦ ମେଧାବୀ ଛାତ୍ରୀଛାତ୍ରଙ୍କୁ ମିଳିଲା ଲାପ୍‌ଟପ୍

**ଭଦ୍ରକ ଅଫିସ, ୧୬।୧୨**

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ସୋମବାର ମେଧାବୀ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ବଣ୍ଟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରସନ୍ନ କୁମାର ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ ଓ ଅନ୍ୟତମ ଅତିଥି ଭାବେ ଜିଲାପାଳ ଜ୍ଞାନରଞ୍ଜନ ଦାସ ଯୋଗଦେଇ ପୂର୍ବରୁ ଚିହ୍ନଟ ୫୨ଟି କଲେଜର ୫୭୨ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୨୩୦ ଜଣଙ୍କୁ ଲାପ୍‌ଟପ୍ ବଣ୍ଟନ କରିଥିଲେ। ସରକାରୀ ସ୍ତରରେ ଏଭଳି ବ୍ୟବସ୍ଥା (ବିଜୁ ଯୁବ ସଶକ୍ତୀକରଣ ଯୋଜନା) ମେଧାବୀମାନଙ୍କୁ ଉତ୍ସାହିତ କରିବା କ୍ଷେତ୍ରରେ ପ୍ରମୁଖ ଭୂମିକା ବହନ କରିବ ବୋଲି ମୁଖ୍ୟଅତିଥି ବିଧାୟକ ସାମଲ କହିଥିଲେ।

## ଦୁର୍ଘଟଣାରେ ଶିକ୍ଷକ ଗୁରୁତର

**ପଦ୍ମପୁର, ୧୬।୧୨(ଡି.ଏନ.ଏ.):** ବାସୁଦେବପୁର ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ବଚ୍ଛଦା ଗ୍ରାମର ମାନସ ରାଉତ ନାମକ ଜଣେ ଶିକ୍ଷକ ସୋମବାର ପୂର୍ବାହ୍ନରେ ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି। ସେ କାର୍ଯ୍ୟରେ ଯୋଗଦେବା ପାଇଁ ବାଇକ୍‌ରେ ଯାଉଥିବାବେଳେ ଲକ୍ଷ୍ମୀଦାସପୁର ଛକରେ ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଭାଇବୋହୂଙ୍କୁ ଅସଦାଚରଣ: ଦେଢ଼ଶୁର ଗିରଫ

**ତିହିଡ଼ି, ୧୬।୧୨ (ଡି.ଏନ.ଏ.)**

ତିହିଡ଼ି ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ତାଙ୍କ ଦେଢ଼ଶୁର ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାରେ ଏକ ମାମଲା(ନଂ.୫୩୪/୧୯) ରୁଜୁ କରି ଦେଢ଼ଶୁର ସୀତାକାନ୍ତ ଦାସଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ୧୪ ତାରିଖ ରାତିରେ ମହିଳାଙ୍କ ସ୍ୱାମୀ ଘରେ ଅନୁପସ୍ଥିତ ଥିଲେ। ଏହାର ସୁଯୋଗ ନେଇ ସୀତାକାନ୍ତ ତାଙ୍କ ଘର କବାଟ ବାଡ଼େଇଥିଲେ। ମହିଳା କବାଟ ଖୋଲିବା ପରେ ସୀତାକାନ୍ତ ତାଙ୍କୁ ଗାଳିଗୁଲଜ କରିଥିଲେ। ସେ ଏହାର ପ୍ରତିବାଦ କରିବାରୁ ତାଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି।

### ତ୍ୟାଗଭୂମି ମହୋତ୍ସବର ୬ଷ୍ଠ ସନ୍ଧ୍ୟା

## ନାରୀଙ୍କୁ ଉଚିତ ସମ୍ମାନ ଦିଆଯାଉ

**ଭଦ୍ରକ ଅଫିସ, ୧୬।୧୨**



ତ୍ୟାଗଭୂମି ମହୋତ୍ସବରେ ଉପସ୍ଥିତ ଅତିଥିମାନେ।

ଭଦ୍ରକ ଟାଉନହଲ ପରିସରରେ ଚାଲିଥିବା ତ୍ୟାଗଭୂମି ମହୋତ୍ସବର ସୋମବାର ଥିଲା ୬ଷ୍ଠ ସନ୍ଧ୍ୟା। ମହିଳାଙ୍କୁ ଉତ୍ସର୍ଗୀକୃତ କଳିଙ୍ଗ କନ୍ୟା ବୈଦେହୀ ପଣ୍ଡା ମଞ୍ଚରେ 'ଦେଶର ପ୍ରଗତି ଓ ନାରୀ ସୁରକ୍ଷା' ବିଷୟ ଉପରେ ଆଲୋଚନା ହୋଇଥିଲା। ଆଲୋଚନା ଚକ୍ରରେ ଅଧ୍ୟାପିକା ଡ. ଝରଣା ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କଥାଶିଳ୍ପୀ ଡ. ହିରଣ୍ମୟୀ ମିଶ୍ର ଯୋଗଦେଇ କହିଥିଲେ, ଦେଶର ବିକାଶରେ ନାରୀ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯେଉଁ ଦେଶରେ ନାରୀଙ୍କୁ ସମ୍ମାନ ଦିଆଯାଇନାହିଁ ସେ ଦେଶରେ ବିକାଶ କେବେ ସମ୍ଭବ ନୁହେଁ। ନାରୀଙ୍କୁ ଉଚିତ ସମ୍ମାନ ଦିଆଯାଉ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଖ୍ୟାତ ଗଳ୍ପିକା ଡ. ଅପର୍ଣ୍ଣା ମହାନ୍ତି ଯୋଗଦେଇ ନାରୀଙ୍କ ସୁରକ୍ଷା ପାଇଁ ସାମୂହିକ ଉଦ୍ୟମ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ ନେତ୍ରୀ ଚାରୁଲତା ମହାପାତ୍ର ପ୍ରାରମ୍ଭିକ ସୂଚନା ଓ ଡ. ରାଧାରାଣୀ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। କବି ଡ. ପ୍ରଭାତ ନଳିନୀ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ମହୋତ୍ସବ କମିଟି ସଭାପତି ଅଜୟ ନାୟକ ଶେଷ ସ୍ୱର୍ଶ ଦେଇଥିଲେ।

## ତଦନ୍ତ ପ୍ରତିଶ୍ରୁତି ପରେ ଅନଶନ ଭାଙ୍ଗିଲେ ଗ୍ରାମବାସୀ

**ବାସୁଦେବପୁର/ପଦ୍ମପୁର, ୧୬।୧୨(ଡି.ଏନ.ଏ.)**

**ପାଣିନାଳ ଅବରୋଧ, ହୋଇପାରୁନି ନିଷ୍କାସନ**

ବାସୁଦେବପୁର ବ୍ଲକ ଅନ୍ତର୍ଗତ ଲୁଙ୍ଗା ପଞ୍ଚାୟତ କୁରୁଦା ଗ୍ରାମରେ ଏକ ସରକାରୀ ଜମିକୁ ସେହି ଗ୍ରାମର ଜଣେ ବ୍ୟକ୍ତି ଜବରଦଖଲ କରିଥିବାରୁ ପାଣିନାଳ ଅବରୋଧ ହୋଇଯାଇଛି। ଫଳରେ ଗାଁ ଲୋକେ ଜଳ ନିଷ୍କାସନଜନିତ ସମସ୍ୟା ଭୋଗୁଛନ୍ତି। ଏହାକୁ ବିରୋଧ କରି ଗ୍ରାମବାସୀ ସୋମବାର ତହସିଲ ଅଫିସ ସାମ୍ନାରେ ଆମରଣ ଅନଶନରେ ବସିଥିଲେ। ଗାଁ ଲୋକଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବରୁ ଏଠାରେ ପାଣିନାଳ ଥିଲା। ସମ୍ପୃକ୍ତ ବ୍ୟକ୍ତି ପାଣିନାଳକୁ ପୋତିଦେଇ ଏହା ସଂଲଗ୍ନ ଜମିରେ ୫ ବର୍ଷ ତଳେ ପକ୍କା କାନ୍ଥ ଉଠାଇ ଉପରେ ଆଜବେଷ୍ଟସ ପକାଇଛନ୍ତି। ଉକ୍ତ ଘର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। କେଉଁ ସ୍ଥିତିରେ ସରକାରୀ ଜମିରେ ଏହି ଯୋଜନାରେ ଗୃହ ନିର୍ମାଣ ହୋଇ ୩ କିସ୍ତିରେ ୯୦ ହଜାର ଟଙ୍କା ଉଠାଣ ହୋଇଛି ତାହା ତଦନ୍ତସାପେକ୍ଷ। ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଜଳ ନିଷ୍କାସନ ପଥ (ନାଳ) ପରିଷ୍କାର କରାଯାଉ ବୋଲି ସେମାନେ ଦାବି କରିଥିଲେ। କୁରୁଦା ଗ୍ରାମର ଲକ୍ଷ୍ମୀକାନ୍ତ ସ୍ୱାଇଁ, ମୁକ୍ତିକାନ୍ତ ସ୍ୱାଇଁ ଓ ଗୁଣନିଧି ସ୍ୱାଇଁ ଆମରଣ ଅନଶନ କରିଥିବାବେଳେ ଏହାକୁ ସମର୍ଥନ ଜଣାଇ ଦୟାନିଧି ସ୍ୱାଇଁ, ଗଦାଧର ବେହେରା, ଝରଣା ନାୟକ, ରଞ୍ଜନ ସ୍ୱାଇଁ, ହୃଷୀକେଶ ସ୍ୱାଇଁ ପ୍ରମୁଖ ୨୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ସାମିଲ ହୋଇଥିଲେ। ଏହି ଦୁର୍ନୀତି ବାବଦରେ ବାରମ୍ବାର ପ୍ରଶାସନକୁ ଅବଗତ କରାଯାଇଥିବା ବେଳେ ଏ ଦିଗରେ ପଦକ୍ଷେପ ନିଆ ନ ଯିବାରୁ ବାଧ୍ୟହୋଇ ଅନଶନରେ ବସିଥିବା ସେମାନେ କହିଥିଲେ। ଭାରପ୍ରାପ୍ତ ତହସିଲଦାର ରାଧାକାନ୍ତ ବାରିକ ଓ ବାସୁଦେବପୁର ଥାନା ଆଇଆଇସି ମଧୁମିତା ମହାନ୍ତି ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଅନଶନ ଭାଙ୍ଗିଥିଲେ।



ତହସିଲ ଅଫିସ ସମ୍ମୁଖରେ ଅନଶନରେ ବସିଛନ୍ତି କୁରୁଦା ଗାଁ ଲୋକ।

# ୩ ଦିନ ଧରି ବିଦ୍ୟାଳୟରେ ତାଲା

**ଭଣ୍ଡାରିପୋଖରୀ, ୧୬।୧୨ (ଡି.ଏନ.ଏ.)**



ବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ର ଓ ଅଭିଭାବକ ଧାରଣା ଦେଇଛନ୍ତି।

- ଶିକ୍ଷକଙ୍କ ଡେପୁଟେଶନ ବାତିଲ ଦାବି ତେଜିଲା
- ଛାତ୍ରୀଛାତ୍ର, ଅଭିଭାବକ ଓ ଏସ୍‌ଏସ୍‌ସି ସଦସ୍ୟଙ୍କ ଧାରଣା

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଜଗନ୍ନାଥପ୍ରସାଦ ନୋଡାଲ ଉଚ୍ଚ ବିଦ୍ୟାଳୟର ଜଣେ ଶିକ୍ଷକଙ୍କୁ ଡେପୁଟେଶନରେ ଅନ୍ୟ ସ୍କୁଲକୁ ନିଆଯାଇଥିବାରୁ ଛାତ୍ରୀଛାତ୍ର, ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୋମବାର ବିଦ୍ୟାଳୟ ଖୋଲିବା ପୂର୍ବରୁ ସେମାନେ ଫାଟକରେ ତାଲା ପକାଇ ଧାରଣା ଦେଇ ବସି ରହିଥିଲେ। ସେମାନେ କାହାରିକୁ ବିଦ୍ୟାଳୟ ଭିତରକୁ ଛାଡ଼ି ନ ଥିଲେ। ଫଳରେ ଶିକ୍ଷକମାନେ ପଦାରେ ରହି ଫେରି ଯାଇଥିଲେ। ବିଭାଗୀୟ ଅଧିକାରୀ ସମସ୍ୟାର ସମାଧାନ ନ କରିବାରୁ ଏକ ସରକାରୀ ବିଦ୍ୟାଳୟରେ ୩ ଦିନ ଧରି ତାଲା ପଡ଼ି ରହିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବିଦ୍ୟାଳୟରେ ଶନିବାରଠାରୁ ଏହି ଧାରଣା ଜାରି ରହିଛି।

ଅଭିଭାବକ ଓ ସ୍କୁଲ କମିଟି ପକ୍ଷରୁ କୁହାଯାଇଛି, ଏହି ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୯୧ ପିଲା ପାଠ ପଢୁଛନ୍ତି। ଶିକ୍ଷାଦାନ ଲାଗି ୬ ଜଣ ଶିକ୍ଷକ ରହିଥିଲେ। ଗତ ୧୩ ତାରିଖରେ ବିଇଓଙ୍କ ନିର୍ଦ୍ଦେଶକ୍ରମେ ଶିକ୍ଷକ ପ୍ରତାପ ମହାଳିକଙ୍କୁ କୋରକରା ପଣସା ବିଦ୍ୟାଳୟକୁ ଡେପୁଟେଶନରେ ନିଆଯାଇଛି। ଶିକ୍ଷକ ମହାଳିକଙ୍କ ଡେପୁଟେଶନ ବାତିଲ କରାଯାଉ ବୋଲି ଛାତ୍ରୀଛାତ୍ର ଓ ଅଭିଭାବକ ଦାବି କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅଭିମନ୍ୟୁ ପ୍ରଧାନଙ୍କୁ ପଚାରିବାରୁ କହିଛନ୍ତି, ଜଗନ୍ନାଥପ୍ରସାଦ ନୋଡାଲ ଉଚ୍ଚ ବିଦ୍ୟାଳୟରେ ୧ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୧୧ ଶିକ୍ଷକ ରହିଛନ୍ତି। କୋରକରା ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଯାଏ ଥିବାବେଳେ ସେଠାରେ ୩ ଶିକ୍ଷକ ଥିଲେ। ସେମାନଙ୍କ ମଧ୍ୟରୁ ଗତ ୩୦ ତାରିଖରେ ଜଣେ ଶିକ୍ଷକ ଅବସର ନେଇଛନ୍ତି ଓ ଅନ୍ୟ ଜଣେ ଅସୁସ୍ଥ ଅଛନ୍ତି। ଏଭଳି ସ୍ଥିତିରେ ୮ଟି ଶ୍ରେଣୀକୁ ଜଣେ ଶିକ୍ଷକ ଚଳାଇବା କଷ୍ଟ। ସାମୂହିକ ଭାବେ ଜଗନ୍ନାଥ ପ୍ରସାଦ ନୋଡାଲରୁ ଜଣେ ଶିକ୍ଷକଙ୍କୁ ନିଆଯାଇଛି। ବିଭିନ୍ନ କ୍ଲଷ୍ଟରରେ ଗରିମା ସିଲ୍‌ଭର ପାଇଁ ପରୀକ୍ଷା ଚାଲିଥିବାରୁ ସୋମବାର କେହି ଘଟଣାସ୍ଥଳକୁ ଯାଇପାରି ନାହାନ୍ତି। ମଙ୍ଗଳବାର ସିଆର୍‌ସିସି ଓ ଉକ୍ତ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ସହ ଆଲୋଚନା କରାଯାଇ ସମାଧାନର ବାଟ ବାହାର କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ମହିଳାଙ୍କୁ ବଳାତ୍କାର ଉଦ୍ୟମ: ଯୁବକ ଗିରଫ

ପାଟଣା,୧୬।୧୨(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ଥାନା ଅଞ୍ଚଳରେ ରବିବାର ବିଳମ୍ବିତ ରାତିରେ ଶୋଇଥିବା ବେଳ ଜଣେ ବିବାହିତା ମହିଳାଙ୍କୁ ଜଣେ ଯୁବକ ବଳାତ୍କାର ଉଦ୍ୟମ କରି ସୋମବାର ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି। ଗିରଫ ଯୁବକ ଜଣକ ହେଉଛନ୍ତି ବୁଦ୍ଧଦେବ ବିଶ୍ୱାଳ। ରବିବାର ରାତିରେ ମହିଳା ଜଣଙ୍କ ଏକୁଟିଆ ନିଦରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ବୁଦ୍ଧଦେବ ମଦ୍ୟପାନ କରି ଘରେ ପଶି ଏକ ଛୁରୀ ଧରି ମହିଳାଙ୍କୁ ଡ଼ରାଇ ବଳାତ୍କାର ଉଦ୍ୟମ କରୁଥିବା ବେଳେ ମହିଳା ଜଣଙ୍କ ଡାକ ପକାଇଥିଲେ। ତାଙ୍କ ପାଟି ଶୁଣି ଘର ଲୋକେ ଉଠି ପଡିବାରୁ ଯୁବକ ଜଣକ ଦୌଡ଼ି ପଳାଇଥିଲେ। ଏଏସଆଇ ସୁଧାଂଶୁ ଶେଖର ଜେନା ପାଟଣା ଥାନାରେ ଏନେଇ ଏକ ମାମଲା (ନଂ.୨୦୮/୧୯) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

### ଭାଲୁ ଆକ୍ରମଣରେ ମହିଳା ଗୁରୁତର

ଝୁମ୍ପୁରା, ୧୬।୧୨ (ଡି.ଏନ.ଏ.)- ବାଲିବନ୍ଧ ଫରେଷ୍ଟ ସେକସନ ଅନ୍ତର୍ଗତ ବଳରାମପୁର ଜଙ୍ଗଲରେ ସୋମବାର ମଧାହ୍ନରେ ଭାଲୁ ଆକ୍ରମଣରେ ଯଜାତି ମହାନ୍ତ(୩୫) ନାମ୍ନୀ ଜଣେ ମହିଳା ଗୁରୁତର ହୋଇଛନ୍ତି। ତାଙ୍କ ଘର ବଳରାମପୁର ଗ୍ରାମରେ। ଗୁରୁତର ହୋଇଥିବା ମହିଳାଙ୍କୁ ପ୍ରଥମେ ଝୁମ୍ପୁରା ଡାକ୍ତରଖାନା ଏବଂ ପରେ କେନ୍ଦୁଝର ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ମହିଳାଙ୍କ ଅଣ୍ଟାରେ ଏବଂ ମୁଣ୍ଡରେ ଗଭୀର ଅଘାତ ଲାଗିଛି। ସୂଚନା ଅନୁଯାୟୀ ମହିଳା ଜଣକ ମଧାହ୍ନ ସମୟରେ ନିକଟସ୍ଥ ଜଙ୍ଗଲକୁ ଜାଳେଣୀ ସଂଗ୍ରହ କରିବାକୁ ଯାଇଥିବା ବେଳେ ଭାଲୁ ହାବୁଡରେ ପଡିଯାଇଥିଲେ। ଭାଲୁ ଆକ୍ରମଣ କରିବା ବେଳେ, ପାଟି କରିବାରୁ ଜାଳେଣୀ ସଂଗ୍ରହ କରିବାକୁ ଯାଇଥିବା ଅନ୍ୟ ଗ୍ରାମବାସୀ ପହଞ୍ଚି ଯାଇ ଭାଲୁ ହାବୁଡରୁ ମହିଳାଙ୍କୁ ବଞ୍ଚାଇଥିଲେ। ଭାଲୁଟି ବର୍ତ୍ତମାନ ବଳରାମପୁର ଜଙ୍ଗଲରେ ରହିଛି। ଗୁରୁତର ହୋଇଥିବା ମହିଳାଙ୍କ ପାଖରେ ବନ କର୍ମଚାରୀ ପହଞ୍ଚିଛନ୍ତି। ମହିଳାଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବନ ବିଭାଗ ବହନ କରିବ ବୋଲି ଚମ୍ପୁଆ ରେଞ୍ଜର କାଶିନାଥ ହେମ୍ବ୍ରମ କହିଛନ୍ତି।

### ପଳାଶପଙ୍ଗା ରାସ୍ତା ଶୋଚନୀୟ

ରାଇସୁଆଁ,୧୬।୧୨(ଡି.ଏନ.ଏ.)- ସରକାର ରାସ୍ତାନିର୍ମାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିଚାଲିଛନ୍ତି। ମାତ୍ର ରାସ୍ତା ନିର୍ମାଣର ମାସେ ନପୂରୁଣୁ ରାସ୍ତା ଗୁଡିକ ଖାଲଖମାରେ ପରିଣତ ହେବାରେ ଲାଗିଛି। ଏହି ପରି ଏକ ରାସ୍ତା ଦେଖିବାକୁ ମିଳିଛି କେନ୍ଦୁଝର ଜିଲା ସଦର ଅଞ୍ଚଳର ପଳାଶପଙ୍ଗା ସ୍କଞ୍ଚ ଛକ ଠାରୁ କିଡକୋ ରାସ୍ତା ପର୍ଯ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ନିର୍ମାଣରେ ନିମ୍ନମାନର ଚିପ୍ସ ଏବଂ ପିଚୁ ବ୍ୟବହାର ହେଉଥିବାରୁ ଖୁବ କମ ଦିନରେ ରାସ୍ତା ଗୁଡିକ ନଷ୍ଟ ହୋଇ ଯାଉଥିବା ସ୍ଥାନୀୟ ଜନସାଧାରଣ ମାନେ ଅଭିଯୋଗ କରିଛନ୍ତି। ଏଥି ପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବା ସହ ତୁରନ୍ତ ରାସ୍ତା ନିର୍ମାଣ କରିବାକୁ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ବିଦ୍ୟାଳୟରେ ସୁନେତ୍ର କାର୍ଯ୍ୟକ୍ରମ

ତେଲକୋଇ, ୧୬।୧୨(ଡି.ଏନ.ଏ.)- ତେଲକୋଇ ବ୍ଲକ ମୁଖ୍ୟାଳୟର ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ପାଇଁ ସୁନେତ୍ରରେ ଏକ ଚକ୍ଷୁ ଶିବିର ଅନୁଷ୍ଠିତ ହୋଇଯାଇଛି। ସୋମବାର ଏହି କାର୍ଯ୍ୟକ୍ରମରେ ବ୍ଲକର ୭ଟି ସିଆରସିସି ଅଧୀନର ୧୮୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସୁନେତ୍ର ଚକ୍ଷୁ ଶିବିରରେ ଅନ୍ତର୍ଭୁକ୍ତ ରହିଥିଲେ। ଏଥି ସହିତ ଅଭିଭାବକ ମାନେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ମୁଖ୍ୟାଳୟର ଚିକିତ୍ସକ ଡ. ରବୀନ୍ଦ୍ର କୁମାର ଦାସ, ଡ. କମଳାକାନ୍ତ ମିଶ୍ର, ସହାୟକ ରଞ୍ଜନ କୁମାର ମହାନ୍ତଙ୍କ ସମେତ ତେଲକୋଇ ଚିକିତ୍ସାଳୟର ଡ. ପ୍ରିୟଙ୍କା ସାହୁ, ସତ୍ୟଜିତ ଦାଶ ସମସ୍ତ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରିବା ସହିତ ଚଷମା ଏବଂ ଆବଶ୍ୟକ ମେଡିସିନ ଦେଇଥିଲେ। ପ୍ରଥମ ଶ୍ରେଣୀଠାରୁ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଚିକିତ୍ସା କରିବା ସହିତ ଅଭିଭାବକଙ୍କୁ ସାମିଲ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ କ୍ଷୀରୋଦ କୁମାରୀ ମହାନ୍ତଙ୍କ ସହିତ ବିଆରଟି ପୂର୍ଣ୍ଣଚନ୍ଦ୍ର ମହାନ୍ତ, ମନୋରଞ୍ଜନ ଧିର ଏବଂ ଉଚ୍ଚ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମନ୍ତ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଇଥିଲା।

# ଆରମ୍ଭରୁ ଧାନକିଣାରେ ବିଭ୍ରାଟ

- ପ୍ରଥମ ଦିନରେ ହୋଇପାରିଲାନି ଧାନ ବିକ୍ରି
- ଚାଷୀଙ୍କ ମଧରେ ଉତ୍ତେଜନା

ଘସିପୁରା, ୧୬।୧୨ (ଡି.ଏନ.ଏ.)

ଆନନ୍ଦପୁର ଉପଖଣ୍ଡରେ ଚଳିତ ଖରିଫ ଋତୁ ପାଇଁ ସରକାରଙ୍କ ପକ୍ଷରୁ ଧାନକିଣା ଆରମ୍ଭ ହୋଇଛି। ତେବେ ଏହି ନୂଆ ବ୍ୟବସ୍ଥାରେ ସୋମବାର ସୋମବାର ଶୈଲଙ୍ଗ ସମବାୟ ସମିତିରେ ଚାଷୀଙ୍କ ଠାରୁ ଧାନ ସଂଗ୍ରହ ବେଳେ ବିଭ୍ରାଟ ହେବାରୁ ଉତ୍ତେଜନା ପ୍ରକାଶ ପାଇଛି। ସୋମବାର ପ୍ରଥମ କରି ଧାନ କିଣା ପାଇଁ ଦିନ ଧାର୍ଯ୍ୟ ହୋଇଥିବା ବେଳେ ଏଥିପାଇଁ ୩୫ଜଣ ଚାଷୀଙ୍କୁ ଟୋକନ ଦିଆଯାଇଥିଲା। ଏହି ଚାଷୀଙ୍କ ଠାରୁ ୧୫୦୦ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ବିଭାଗ ପକ୍ଷରୁ ଟାର୍ଗେଟ ଦିଆଯାଇଥିଲା ବେଳେ ସମୟସୀମା ମାତ୍ର ଗୋଟିଏ ଦିନ ରହିଥିଲା। ତେବେ ସକାଳୁ ଟୋକନ ପାଇଥିବା ଚାଷୀ ମାନେ ମଣ୍ଡିରେ ନିଜ ନିଜର ଧାନବସ୍ତା ରଖି ବିକ୍ରି କରିବାକୁ ଆସିଥିଲେ। କିନ୍ତୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ମାତ୍ର ୧୦ଜଣ ଚାଷୀଙ୍କ ଠାରୁ ପ୍ରାୟ ୩୦୦ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇପାରିଥିଲା। ଅନ୍ଧାର ଓ ଶୀତ କାକରରେ ଚାଷୀ ମାନେ ନିଜନିଜର ଧାନ ବସ୍ତାକୁ ଜଗି ରହି ବିକ୍ରି କରିବାକୁ ଅପେକ୍ଷା କରିଥିଲେ ମଧ ସମବାୟ ସମିତି ପକ୍ଷରୁ ଧାନସଂଗ୍ରହ ହୋଇପାରି ନାହିଁ। ଏହାକୁ ନେଇ କିଛି ଚାଷୀ ବିରୋଧ କରିବାରୁ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଏସମ୍ପର୍କରେ ସମବାୟ ସମିତି ସମ୍ପାଦକ ଅଭିମନ୍ୟୁ ପତିଙ୍କୁ ପଚାରିବାରୁ ଗୋଟିଏ ଦିନରେ ଏତେ ସଂଖ୍ୟକ ଚାଷୀଙ୍କ ଠାରୁ ୧୫୦୦ କୁଇଣ୍ଟାଲ ଧାନ ସଂଗ୍ରହ କରିବା ସମ୍ଭବନୁହଁ ବୋଲି କହିଥିଲେ। ତେବେ ଏନେଇ ଉଚ୍ଚପଦାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ଓ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରାଯାଉଥିବା ସେ କହିଛନ୍ତି। ଅପରପକ୍ଷେ ଧାନବିକ୍ରି ପ୍ରକ୍ରିୟାରୁ ବାଦ ପଡ଼ିଥିବା ଚାଷୀମାନଙ୍କ ପାଇଁ କଣ ବିକଳ୍ପ ରହିଛି ସେ ନେଇ ଚାଷୀ ମାନେ ଆଶା ଆଶଙ୍କାରେ ରହିଛନ୍ତି।



ଶୈଲଙ୍ଗ ସମବାୟ ସମିତିରେ ଧାନ ରଖୁଛନ୍ତି ଚାଷୀ।

### ଟଳିଲା ବଡ଼ ଧରଣର ଦୁର୍ଘଟଣା

# ଅସୁରକ୍ଷିତ ବିଦ୍ୟୁତ୍ ଖୁଣ୍ଟକୁ ନେଇ ଚିନ୍ତା

କେନ୍ଦୁଝର, ୧୬।୧୨ (ସ୍ୱ.ପ୍ର.)

କେନ୍ଦୁଝର ସହର ଗାନ୍ଧୀଛକରୁ ସିରାଜଉଦ୍ଦିନ ଛକ ପର୍ଯ୍ୟନ୍ତ ୪୯ ନମ୍ବର ଜାତୀୟରାଜପଥ ରାସ୍ତା କଡରେ ଥିବା ବିପଦପୂର୍ଣ୍ଣ ଓ ଖୋଲାମେଲା ବିଦ୍ୟୁତଖୁଣ୍ଟ ଓ ଟ୍ରାନ୍ସଫର୍ମର ବିପଦ ସୃଷ୍ଟି କରୁଛି । ସୋମବାର ସକାଳେ ମା' ତାରିଣୀ ବୁକ ଷ୍ଟୋର ନିକଟରେ ଏକ ଟ୍ରାନ୍ସଫର୍ମର ଲାଗିଥିବା ଷ୍ଟ୍ରକଚରରେ ହଠାତ ବିସ୍ଫୋରଣ ହୋଇ ଅଗ୍ନି ଉଦ୍‌ଗୀରଣ ହେବାରୁ ଉଚ୍ଚ ଶକ୍ତି ସମ୍ପନ୍ନ ତାର ଛିଣ୍ଡି ଯାଇ ଲଟକି ଯାଇଥିଲା। ଏହାକୁ ନେଇ ସ୍ଥାନୀୟ ବ୍ୟବସାୟୀ ମାନେ ଭୟଭୀତ ହୋଇ ପଡିଥିଲେ। ତୁରନ୍ତ ବିଦ୍ୟୁତ ବିଚ୍ଛିନ୍ନ ହୋଇଯିବାରୁ ଅଳ୍ପକେ ଏକ ବଡଧରଣର ଦୁର୍ଘଟଣାରୁ ସେମାନେ ବର୍ତ୍ତିଯାଇଥିଲେ । ପୂର୍ବରୁ ଉକ୍ତ ସ୍ଥାନରେ ଥିବା ଅନ୍ୟ ଏକ ଟ୍ରାନ୍ସଫର୍ମର ଲାଗିଥିବା ବିଦ୍ୟୁତ ଖୁଣ୍ଟ (ଷ୍ଟ୍ରକଚର)ରେ ନିଆଁ ଲାଗିଯାଇଥିଲା। ପରେ ବିଦ୍ୟୁତ କାଟ କରି ଦମକଳ ବାହିନୀ ଦ୍ୱାରା ନିଆଁ ଲିଭାଯାଇଥିଲା। ଏଠାରେ ବାରମ୍ବାର ଏଭଳି ଅଘଟଣ ଘଟୁଥିଲେ ହେଁ ପ୍ରତିକାର କରାଯାଉନାହିଁ। ଏଣୁ ଏନେଇ ତୁରନ୍ତ ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ସ୍ଥାନୀୟ ଅଧିବାସୀ ତଥା ବ୍ୟବସାୟୀ ମାନେ ଦାବି କରିଛନ୍ତି ।



ରାସ୍ତା କଡ଼ରେ ଥିବା ଅସୁରକ୍ଷିତ ଟ୍ରାନ୍ସଫର୍ମର ବସିଥିବା ବିଦ୍ୟୁତ୍ ଖୁଣ୍ଟ।

### ଟ୍ରେନ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ

ଢେଙ୍କିକୋଟ, ୧୬।୧୨(ଡି.ଏନ୍.ଏ.)

ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ପଇଡାପାଟଣା ପଞ୍ଚାୟତ ନୁଶୁରିପଶି ଗ୍ରାମ ଦେଇ ଯାଇଥିବା ଦୈତାରୀ ବାଉଁଶପାଣି ରେଳଲାଇନ୍‌ରେ ସୋମବାର ପୂର୍ବାହ୍ନ ୭ଟା୧୦ରେ ଏକ ଏକ୍ସପ୍ରେସ୍ ଟ୍ରେନ୍ ଧକ୍କାରେ ଶାନ୍ତିଲତା ବେହେରା(୬୫) ନାମ୍ନୀ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ମହିଳାଙ୍କ ଘର ନୁସୁରୀ ପଶି ଗ୍ରାମରେ। ଶାନ୍ତିଲତା ଶୌଚପାଇଁ ଯାଇ ରେଳଲାଇନ୍ ସେପଟରୁ ଘରକୁ ଫେରୁଥିବାବେଳେ ଏକ ଏକ୍ସପ୍ରେସ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବରପାଇ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡ଼ା କନଷ୍ଟେବଲ ସୁଶିଲ ଚନ୍ଦ୍ର ମହାନ୍ତ ଘଟଣାସ୍ଥଳକୁ ଯାଇ ଘଟଣାର ତଦନ୍ତ କରି ମୃତଦେହ ଜବତ କରି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ ୫୯/୧୯) ରୁଜୁ କରି ବ୍ୟବଚ୍ଛେଦ ପାଇଁ ପାଟଣା ଡାକ୍ତରଖାନାକୁ ପଠାଇଛନ୍ତି।

### ଏଟିଏମ୍‌ରେ ଟଙ୍କା ଉଠାଣ ଲାଗି ହିନସ୍ତା

ରାଇସୁଆଁ,୧୬।୧୨(ଡି.ଏନ.ଏ.)

ସରକାର ଡିଜିଟାଲ ଇଣ୍ଡଆ ପାଇଁ ବହୁ ଯୋଜନା କରିଛନ୍ତି। ଏବଂ ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ବ୍ୟାଙ୍କ ତରଫରୁ ବହୁ ବ୍ୟବସ୍ଥା କରାଯାଇଛି। ଯେପରିକି ବହୁ ସ୍ଥାନରେ ଲୋକଙ୍କ ଟଙ୍କା ଉଠାଣ ପାଇଁ ବ୍ୟାଙ୍କ ଗୁଡିକ ତତ୍ପର ହୋଇ ଏଟିଏମ ମାନ ପ୍ରତିଷ୍ଠା କରିଛନ୍ତି। ମାତ୍ର ବହୁ ସମୟରେ ଲିଙ୍କ ଫେଲ ଯୋଗୁ ଲୋକଙ୍କୁ ଟଙ୍କା ଉଠାଣ ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରି ଶେଷରେ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳୁଛି। କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁରରେ ଥିବା ଏକ ବ୍ୟାଙ୍କ ଏଟିଏମରେ ୧୫ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଜନସାଧାରଣ ନିର୍ଭର କରିଚଳୁଥିବା ବେଳେ ବହୁ ସମୟରେ ଲିଙ୍କ ଫେଲ ଯୋଗୁ ଲୋକେ ଟଙ୍କା ଉଠାଣ କରି ନପାରି ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳୁଛି। ଏଥି ପ୍ରତି ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ପୋଇପାଣି ସଂରକ୍ଷିତ ଜଙ୍ଗଲରେ ଦନ୍ତା ହାତୀ ଉତ୍ପାତ

ପାଟଣା,୧୬।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବନାଞ୍ଚଳ ଅନ୍ତର୍ଗତ ପୋଇପାଣି ସଂରକ୍ଷିତ ଜଙ୍ଗଲକୁ ରବିବାର ରାତିରୁ ୧୩ ଟି ବଣୁଆ ହାତୀ ଘଟଗାଁ ରେଞ୍ଜରୁ ପଶି ଆସିଛନ୍ତି। ସେଥିମଧ୍ୟରୁ ଗୋଟିଏ ଦନ୍ତା ହାତୀ ସୋମବାର ଉତ୍ପାତ କରି ଲୋକଙ୍କୁ ଗୋଡ଼ାଉଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ହୋଇ ପଡିଛନ୍ତି। ଏଥି ସହ ଏହି ହାତୀ ପଲ ପାଚିଲା ଧାନ ଫସଲ ନଷ୍ଟ କରିବା ସହ ଖଳାରେ ଅମଳ ହେବା ପାଇଁ ରଖାଯାଇଥିବା ଧାନ କଳେଇକୁ ମଧ ଖାଇ ନଷ୍ଟ କରି ପକାଇଛନ୍ତି। ଗାଁ ଲୋକଙ୍କ ସହ ବନ ବିଭାଗର କର୍ମଚାରୀ ଓ ୱାଇଲଡ଼ ଲାଇଫ କର୍ମଚାରୀ ସୋମବାର ପୂର୍ବାହ୍ନ ଓ ସନ୍ଧ୍ୟାରେ ହାତୀଙ୍କ ଗତିବିଧି ଉପରେ ନଜର ରଖିଥିବା ରେଞ୍ଜର ପବିତ୍ର ମୋହନ ନାୟକ ସୂଚନା ଦେଇଛନ୍ତି।

### ଫକୀରପୁରରେ ଧାନମଣ୍ଡି ଶୁଭାରମ୍ଭ



ଧାନମଣ୍ଡିକୁ ପୂଜାର୍ଚ୍ଚନା କରି ଆରମ୍ଭ କରାଯାଉଛି।

ଆନନ୍ଦପୁର, ୧୬।୧୨(ସ୍ୱ.ପ୍ର.)

ଆନନ୍ଦପୁର ପୌରପରିଷଦ ଫକୀରପୁର ସେବା ସମବାୟ ସମିତି ପକ୍ଷରୁ ଧାନମଣ୍ଡିର ଶୁଭାରମ୍ଭ କରାଯାଇଛି। ସଭାପତି ଶ୍ରୀଧର ମଳିକ, ସମ୍ପାଦକ ଦୟାନିଧି ଦାସ, କମିଟି ସଦସ୍ୟ ରଘୁନନ୍ଦନ ନାହାକ, ଛବି ଦେହୁରୀ, ବୃନ୍ଦାବନ ମଳିକ, ଚାଷୀ କୁଶଧର ମହାନ୍ତି, ଫରେନ କୁମାର ଗୁଇଁ, ମହେଶ୍ୱର ମଳିକ, ବଜାର ନିୟନ୍ତ୍ରିତ କମିଟିର ଚିତ୍ରସେନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମବାୟ ସମିତି ପକ୍ଷରୁ ୭୧୫ ଜଣ ଚାଷୀଙ୍କ ନାମ ପଞ୍ଜୀକରଣ କରାଯାଇଥିବାବେଳେ ଚାଷୀଙ୍କୁ ଟୋକନ ପ୍ରଦାନ କରାଯିବା ପରେ ପ୍ରତ୍ୟେକ ଥରରେ ଧାନ କିଣିବାର ବ୍ୟବସ୍ଥା ଗ୍ରହଣ କରାଯାଇଛି।

### ସିଆରସିସି ସମନ୍ୱୟ ବୈଠକ



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଆନନ୍ଦପୁର,୧୬।୧୨(ସ୍ୱ.ପ୍ର.)

ଘସିପୁରା ବ୍ଲକ ଅନ୍ତର୍ଗତ ରୁଦ୍ରନାରାୟଣପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଘସିପୁରା ବ୍ଲକରେ କାର୍ଯ୍ୟରତ ସିଆରସିସିମାନଙ୍କର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ସିଆରସିସି ଗୋଲକ ବିହାରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟରେ ଚାଲୁଥିବା ଉଜ୍ୱଳ, ଉତ୍‌ଥାନ ଶିକ୍ଷାଦାନ କାର୍ଯ୍ୟକ୍ରମ, ଗୁଣାତ୍ମକ ଶିକ୍ଷାଦାନ, ମଧାହ୍ନ ଭୋଜନ ସୁପରିଚାଳନା, ନୂତନ ସ୍କୁଲ ମନିଟରିଂ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହା ସହିତ ସିଆରସିସିଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ମଧ ଆଲୋଚନା ହୋଇଥିଲା। ୨୦୧୭-୧୮ ଶିକ୍ଷାବର୍ଷର ଏଫ୍‌ଟିଏ ମିଳିନଥିବା ନେଇ କେନ୍ଦୁଝର ଜିଲାପାଳଙ୍କୁ ଅବଗତ କରିଥିଲେ ସୁଦ୍ଧା ଏଯାଏ ଘଟଣା ଦିଗରେ ପଦକ୍ଷେପ ନିଆଯାଇନଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ସେହିପରି ପାଠ୍ୟପୁସ୍ତକ ପରିବର୍ତ୍ତନ ଅର୍ଥ ସିଆରସିସିମାନଙ୍କୁ ଆଦୌ ମିଳୁ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଆଗାମୀ ଦିନରେ ଏ ସମ୍ପର୍କରେ ମିଳିତ ଭାବେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବା ନେଇ ଆଲୋଚନା ହୋଇଥିଲା। ବୈଠକରେ ସିଆରସିସି ସୁରେଶ ଚନ୍ଦ୍ର ମହାନ୍ତି, ସତ୍ୟଶିବ ସୁନ୍ଦର ପଟ୍ଟନାୟକ, ଅଜିତ୍ କୁମାର ଜେନା, ନିରଞ୍ଜନ ପଣ୍ଡା, ପ୍ରଫୁଲ୍ଲ କୁମାର ସାହୁଙ୍କ ସମେତ ବହୁ ସିଆରସିସି ଯୋଗଦେଇଥିଲେ।

# ଜିଲାସ୍ତରୀୟ ବିଜ୍ଞାନମେଳା ଉଦ୍‌ଘାଟିତ

କେନ୍ଦୁଝର, ୧୬।୧୨ (ସ୍ୱ.ପ୍ର./ଡି.ଏନ.ଏ.)

ସ୍ଥାନୀୟ ଡିଏନ୍ ହାଇସ୍କୁଲ ପରିସରରେ ସୋମବାର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଙ୍କ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଟିଇ ଓ ଏସସିଇଆରଟି ସହ ଯୋଗରେ ଆରମ୍ଭ ହୋଇଥିବା ଦୁଇ ଦିନିଆ ଜିଲା ସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ମେଳା ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲାପାଳ ଆଶୀଷ ଥାକରେ ଏହାକୁ ଉଦ୍‌ଘାଟନ କରି କହିଥିଲେ ଯେ, ଏଭଳି ମେଳା ଦ୍ୱାରା ପିଲା ମାନଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଜିଜ୍ଞାସା ବୃଦ୍ଧି ପାଇବା ସହ ଭବିଷ୍ୟତରେ ନିଜକୁ ବିଜ୍ଞାନ କ୍ଷେତ୍ରରେ ପରିଷ୍ଥିତ କରିପାରିବେ। ମୁଖ୍ୟବକ୍ତା ଭାବେ ଜିଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ ବିଜ୍ଞାନର ବିଭିନ୍ନ ଦିଗ ଉପରେ ଉଦାହରଣ ଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ । ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ଅଲେଖ ଚରଣ ନାଏକ, ସୁଶୀଲ କୁମାର ନାୟକ ପ୍ରମୁଖ ଯୋଗଦେଇ ଦିନକୁ ଦିନ ବୃଦ୍ଧି ଚାଲିଥିବା ବେଳେ ବିଜ୍ଞାନ ମନସ୍କ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଜିଲା ବିଜ୍ଞାନ ପରିଦର୍ଶକ କୃଷ୍ଣ ଚନ୍ଦ୍ର ମହାନ୍ତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ବିଜ୍ଞାନ ଶିକ୍ଷକ ଶର୍ଙ୍କର୍ଷଣ ଜେନା ଓ ମଧୁସୂଦନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଜିଲାପାଳ ଆଶିଷ ଠାକ୍‌ରେ ଜଣେ ଛାତ୍ରର ଏକ ପ୍ରକଳ୍ପ ଦେଖୁଛନ୍ତି।

### ତାଲା ଭାଙ୍ଗି ସୁନା ଅଳଙ୍କାର, ଟଙ୍କା ଚୋରି

ଯୋଡ଼ା, ୧୬।୧୨(ଡି.ଏନ.ଏ.)



ଚୋରି ହୋଇଥିବା ଘରେ ପୋଲିସ ତଦନ୍ତ କରୁଛି।

କେନ୍ଦୁଝର ଜିଲା ଯୋଡ଼ା ସହରର ଆଜାଦ ବସ୍ତିଠାରେ ଭଡା ଘରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘରୁ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ନଗଦ ଟଙ୍କା ଚୋରି କରି ନେଇଥିବା ଯୋଡା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ ବିହାର ରାଜ୍ୟ ଭାଗଲପପୁର ଅଞ୍ଚଳର ଗୋପୀ କୁମାର ଓ ତାଙ୍କ ସ୍ତ୍ରୀ ନେହା ରାଣି ଯୋଡା ଆଜାଦ ବସ୍ତିର ତଳ ମହଲାରେ ଭଡାରେ ରହୁଥିଲେ। ସେ ଓ ତାଙ୍କ ସ୍ତ୍ରୀ ଗତ ୭ ତାରିଖରେ ନିଜ ଗାଁକୁ ଯାଇଥିଲେ। ଗତ ୧୩ ତାରିଖରେ ଘରେ ପହଞ୍ଚି ଦେଖିଲାବେଳକୁ ତାଲ ଭାଙ୍ଗି ଘରୁ ପ୍ରାୟ ସାଢେ ୩ ଲକ୍ଷ ଟଙ୍କାର ସୁନା ଅଳଙ୍କାର, ନଗଦ ୧୫୦୦ ଟଙ୍କା ଓ ଅନ୍ୟ ଆସବାବପତ୍ର ଚୋରି ହୋଇଯାଇଛି। ତେବେ ଗୋପୀ କୁମାର ତୁରନ୍ତ ଗାଁରୁ ଯୋଡା ଆସି ରବିବାର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ସୋମବାର ପୂର୍ବାହ୍ନରେ ଯୋଡା ଥାନା ଆଇଆଇସି ରାଇସେନ୍ ମୁର୍ମୁ ଓ ବଡବିଲ ଏସ୍‌ଡିପିଓ ସତ୍ୟ ବିକାଶ ଭୂୟାଁ ଡଗ୍ ସ୍କାଡ ଓ ସାଇଣ୍ଟିଫିକ ଟିମ୍ ସହିତ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ ଯୋଡା ଥାନାରେ ଏକ ମାମଲା (ନଂ.୨୨୨/୨୦୧୯) ରୁଜୁ ହୋଇଥିବା ପୋଲିସ ସୂଚନା ଦେଇଛି । ଏପର୍ଯ୍ୟନ୍ତ ଚୋରଙ୍କ ଠାବ ପୋଲିସ କରିପାରିନାହିଁ ।

# ନବନିର୍ମାଣ କୃଷକ ସଙ୍ଗଠନର ଏସ୍‌ପି ଅଫିସ ଘେରାଉ

କେନ୍ଦୁଝର, ୧୬।୧୨ (ଡି.ଏନ୍.ଏ./ସ୍ୱ.ପ୍ର.)

ନବନିର୍ମାଣ କୃଷକ ସଂଗଠନ କେନ୍ଦୁଝର ଜିଲା ଶାଖା ତରଫରୁ ସୋମବାର ପୂର୍ବାହ୍ନରେ ବିଭିନ୍ନ ଦାବି ନେଇ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ରାଜ୍ୟ ସରକାରଙ୍କ କାଳିଆ ଯୋଜନାରେ ହୋଇଥିବା ଦୁର୍ନୀତି ବିରୋଧରେ ସେଠାରେ ଉପସ୍ଥିତ ଥିବା ଅତିରିକ୍ତ ଏସ୍‌ପିଙ୍କୁ ଅଭିଯୋଗପତ୍ର ଦିଆଯାଇଥିଲା। ଏହାକୁ ଏତଲା ଭାବେ ଗ୍ରହଣ କରି ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଥିଲା। ଏଦିଗରେ ପଦକ୍ଷେପ ନିଆ ନ ଗଲେ ସତ୍ୟାଗ୍ରହ କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ନବନିର୍ମାଣ କୃଷକ ସଂଗଠନର ନେତୃମଣ୍ଡଳୀ ଓ ସଦସ୍ୟାସଦସ୍ୟମାନେ ସ୍ଥାନୀୟ କାଳୀପଡିଆଠାରୁ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନମାନ ଦେଇ ସହର ପରିକ୍ରମା କରିବା ପରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କାଳିଆ ଯୋଜନା ନାଁରେ ମୁଖ୍ୟମନ୍ତ୍ରୀ ଚାଷୀଙ୍କୁ ଠକି ଥିବାରୁ ତାଙ୍କ ନାମରେ ଜନସ୍ୱାର୍ଥ ମାମଲା ଦାଏର କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏହି ବିକ୍ଷୋଭରେ ଉପଦେଷ୍ଟା ଡ. କୁଳମଣି ବାରିକ, ଜିଲା ସଂଯୋଜକ ଲକ୍ଷ୍ମୀଧର ବିଶ୍ୱାଳ, ସହ ସଂଯୋଜକ ବିଳାସିନୀ ମହାନ୍ତ, ଚାଷୀ ନେତା ଖଗେଶ୍ୱର ମହାନ୍ତ, ଶ୍ୟାମସୁନ୍ଦର ମହାନ୍ତ ପ୍ରମୁଖ ନେତୃତ୍ୱ ଦେଇଥିବାବେଳେ ଶତାଧିକ ନବ ନିର୍ମାଣ କୃଷକ ସଂଗଠନର ସଦସ୍ୟାସଦସ୍ୟ ସାମିଲ ହୋଇଥିଲେ। କାଳିଆ ଯୋଜନାରେ ଚାଷୀଙ୍କୁ ପ୍ରତିବର୍ଷରେ ୧୦ହଜାର ଟଙ୍କା ଲେଖାଏଁ ଦେବାଲାଗି ପ୍ରତିଶ୍ରୁତି ଦେଇ ରାଜ୍ୟର ୭୦ଲକ୍ଷ ଚାଷୀଙ୍କୁ ଠକେଇ କରାଯାଇଥିବା ସଂଗଠନ ତରଫରୁ ଅଭିଯୋଗ କରାଯାଇଥିଲା। ରାଜ୍ୟ ସରକାର ବିଜ୍ଞପ୍ତି ଅନୁସାରେ ଉକ୍ତ ଯୋଜନାରେ ୧୦ହଜାର ଟଙ୍କା ଲେଖାଏଁ ବାର୍ଷିକ ପ୍ରଦାନ ନ କଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଉପସ୍ଥିତ ନେତା ଓ କର୍ମୀ କହିଥିଲେ।



ନବ ନିର୍ମାଣ କୃଷକ ସଙ୍ଗଠନର କର୍ମୀ ଏବଂ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ



**ଠାକୁରମୁଣ୍ଡା,୧୬।୧୨(ଡି.ଏନ୍.ଏ.):** ଡଙ୍ଗାଡ଼ିହାଠାରୁ ରାଇରଙ୍ଗପୁର ଯାଉଥିବା ଏକ ଯାତ୍ରୀବାହୀ ବସ୍ ସୋମବାର ସକାଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍‌ଟି ରାସ୍ତା କଡ଼କୁ ମାଡି ଯାଇଥିବା ବେଳେ ସେଥିରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି। ଠାକୁରମୁଣ୍ଡାଠାରୁ ପ୍ରାୟ ୩ କିମି ଦୂର ନୂଆସାହି ନିକଟ ପୂର୍ତ୍ତ ବିଭାଗ ରାସ୍ତାରେ ଥିବା ଏକ ଛୋଟ କଲଭର୍ଟ ନିକଟରେ ଏହି ଦୁର୍ଘଟଣା ଘଟିଥିଲା।

### ଜଳିଗଲା ୩ ବଖରା

**କପ୍ତିପଦା,୧୬।୧୨(ଡ଼ି.ଏନ୍.ଏ):** କପ୍ତିପଦା ବ୍ଲକ୍ ଅଧୀନ ପୋଡ଼ାଡ଼ିହା ଦାଢ଼ଗାସାହିରେ ସୋମବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ୩ ବଖରା ଘର ଭସ୍ମୀଭୂତ ହୋଇଯାଇଛି। ଉକ୍ତ ଗ୍ରାମର ମେଘରାଏ ହେମ୍ବ୍ରମ୍‌ଙ୍କ ୨ ବଖରା ଏବଂ ସାକିଲା ହେମ୍ବ୍ରମ୍‌ଙ୍କ ୧ ବଖରା ଘର ବିଦ୍ୟୁତ୍ ସର୍ଟସର୍କିଟ୍ ଯୋଗୁ ପୋଡ଼ିଯିବା ସହିତ ଘରର ଆସବାବପତ୍ର ସବୁ ଜଳି ପାଉଁଶ ହୋଇଯାଇଛି । ଖବରପାଇ ଉଦଳାରୁ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ।

### ପଟ୍ଟା ବିହୀନ ବାସିନ୍ଦା ସଂଘର ବୈଠକ

**ବାରିପଦା ଅଫିସ,୧୬।୧୨:** ବାରିପଦା ଶ୍ରୀପଦଗଞ୍ଜଠାରେ ସହରର ୨୫ ଓ ୨୭ ନମ୍ବର ୱାର୍ଡର ପଟ୍ଟା ବିହୀନ ବାସିନ୍ଦା ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ନନ୍ଦ କୁମାର ମହାପାତ୍ର ଏଥିରେ ଅଧକ୍ଷତା କରିଥିଲେ। ଏହି ୱାର୍ଡର ଆଢ଼୍ୟ ଓ ଜଙ୍ଗଲ ଜମିରେ ବସବାସ କରୁଥିବା ବାସିନ୍ଦାଙ୍କୁ ଉଚ୍ଛେଦ କରାଯିବାକୁ ବିରୋଧ କରାଯାଇଥିଲା। ବୈଠକରେ ସଂଘର ସାଧାରଣ ସମ୍ପାଦକ କାହ୍ନୁ ଚରଣ ବେହେରା, ପ୍ରାଧାପକ ଗୋପବନ୍ଧୁ, ଅମଲ ଦେ, ଜୟନ୍ତୀ ମହାପାତ୍ର, ଗୌର କାଳନ୍ଦି, ସରଜିତ ସାମଲ, ସେଖ ରାଜୁ, ଦେବେନ୍ଦ୍ରନାଥ କୁଣ୍ଡୁ, ମହେଶ୍ୱର ବେହେରା, ରଙ୍ଗଲତା ରାୟ ଚୌଧୁରୀ, ବାସନ୍ତୀ ଦେହୁରୀ, ପ୍ରଫୁଲ୍ଲ ମହାନ୍ତି, ପୂର୍ଣ୍ଣିମା ଦେ, ପୂର୍ଣ୍ଣିମା ମହାନ୍ତ, ବାସନ୍ତୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

### କ୍ରୀଡ଼ା ଶିକ୍ଷକଙ୍କ ସମାବେଶ



**ଯଶିପୁର,୧୬।୧୨(ଡି.ଏନ୍.ଏ.):** ପାଞ୍ଚପୀଢ ଓ ବାମନଘାଟି ଉପଖଣ୍ଡ ଅଧୀନ କ୍ରୀଡ଼ା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନେଇ ଯଶିପୁରର ରାମତୀର୍ଥଠାରେ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲା କ୍ରୀଡ଼ା ସଂଗଠନର ସଭାପତି ସୁଧା ରଞ୍ଜନ ମହାକୁଡ଼ ଏଥିରେ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଯୋଗେନ୍ଦ୍ର ନାଥ ମହାନ୍ତ, କାନ୍ତ ଚରଣ ମହାନ୍ତ, ପ୍ରଦୀପ କୁମାର ମହାନ୍ତ, ରବୀନ୍ଦ୍ର ନାଥ ମିଶ୍ର, ସୁଗ୍ରୀବ ମହାନ୍ତ, ଆନନ୍ଦ ଚରଣ ଗିରି, ରମାକାନ୍ତ ଗିରି ପ୍ରମୁଖ କ୍ରୀଡ଼ା ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଡମ୍ବରୁଧର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

### ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

**ଚିତ୍ରଡା,୧୬।୧୨(ଡି.ଏନ୍.ଏ.):** ମୋରଡ଼ା ବ୍ଲକ ଅନ୍ତର୍ଗତ ଚିତ୍ରଡା ମହାବିଦ୍ୟାଳୟ ପରିସରରେ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ମହାବିଦ୍ୟାଳୟର ଅଧକ୍ଷ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବରେ ଚିତ୍ରଡା ମହାବିଦ୍ୟାଳୟର ଅଧକ୍ଷ ଡ଼. ପ୍ରଭାସ ଚନ୍ଦ୍ର ଗିରି ଯୋଗ ଦେଇଥିଲେ। ବୁଦ୍ଧିରାମ ସିଂ ଏବଂ ଡ଼. ନିଶିକାନ୍ତ ଗିରି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶିବିରରେ ମୋଟ୧୫୦ ଜଣ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ନେବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ସମସ୍ତ ଛାତ୍ରୀମାନଙ୍କୁ କଲେଜ ପକ୍ଷରୁ ପ୍ରଶିକ୍ଷଣ ପୁସ୍ତକ ବଣ୍ଟନ କରାଯାଇଛି । ରାଷ୍ଟ୍ରୀୟ ସେବା ଯୋଜନାର ସଂଯୋଜିକା ଉଷା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ସୌଦାମିନୀ ସିଂ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

### ରୋଗୀଙ୍କୁ ଏକ୍ସପାଏରୀ ସାଲାଇନ୍ ଦିଆଯିବା ଘଟଣା

# ଏସ୍‌ଡିଏମ୍‌ଓଙ୍କ ତଦନ୍ତ, ମାମଲା ରୁଜୁ

**କପ୍ତିପଦା,୧୬।୧୨(ଡ଼ି.ଏନ୍.ଏ)**

କପ୍ତିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରବିବାର ରାତିରେ ଜଣେ ରୋଗୀଙ୍କୁ ଏକ୍ସପାଏରୀ ସାଲାଇନ୍ ଦିଆଯିବା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ସୋମବାର ଏସଡିଏମଓ ଡାକ୍ତର ଶିବାନନ୍ଦ ମହାନ୍ତି କପ୍ତିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ସେ ଡ୍ୟୁଟିରୁମ୍, ଷ୍ଟକ୍ ରୁମ, ଡାକ୍ତରଖାନା ପରିସର ବୁଲିବା ସହିତ ଡାକ୍ତର, ଫାର୍ମାସିଷ୍ଟ ଓ କର୍ମଚାରୀମାନଙ୍କ ସହ ଆଲୋଚନା କରିଥିଲେ। ତଦନ୍ତ ରିପୋର୍ଟ ସିଡିଏମଓଙ୍କ ନିକଟରେ ଦାଖଲ ହେବା ପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଏହି ଘଟଣାକୁ ନେଇ ଥାନାରେ ଦୁଇଟି ପୃଥକ ପୃଥକ ମାମଲା ରୁଜୁ ହୋଇଛି। ରୋଗୀଙ୍କ ଅଭିଯୋଗକୁ ଭିତ୍ତିକରି ଏକ ମାମଲା (ନଂ.୧୯୮/୧୯) ଓ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ଅଭିଯୋଗକୁ ନେଇ ଅନ୍ୟ ଏକ ମାମଲା(ନଂ. ୧୯୯/୧୯) ରୁଜୁ ହୋଇ ତଦନ୍ତ ଜାରି ରହିଛି।

ଉଲ୍ଲେଖଯୋଗ୍ୟ ଯେ, ବଡ଼ଖଲାଡ଼ି ପଞ୍ଚାୟତ ଅଧୀନ ଦୁଣ୍ଡରିଆ ଗ୍ରାମର ନରେନ୍ଦ୍ର ମହାନ୍ତି ଝାଡ଼ା ରୋଗରେ ଆକ୍ରାନ୍ତ ହେବାରୁ ତାଙ୍କୁ କପ୍ତିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡ଼ାକ୍ତରଖାନା ତରଫରୁ ତାଙ୍କୁ ଏକ ସାଲାଇନ୍ ଦିଆଯାଇଥିଲା। ତେବେ ଏହି ସାଲାଇନ୍ ନଭେମ୍ବର ୨୦୧୬ରେ ପ୍ରସ୍ତୁତ କରାଯାଇଥିବାବେଳେ ଏହାର ଏକ୍ସପାଏରୀ ତାରିଖ ଅକ୍ଟୋବର ୨୦୧୯ ବୋଲି ସାଲାଇନରେ ଉଲ୍ଲେଖ ରହିଥିଲା। ରୋଗୀଙ୍କ ପରିବାର ଲୋକ ଏହା ଦେଖି ଦାୟିତ୍ୱରେ ଥିବା ଡାକ୍ତର ଉମାକାନ୍ତ ବାସ୍କେଙ୍କ ନିକଟରେ ଅଭିଯୋଗ କରିଥିଲେ। ସେଦିନ ଡ୍ୟୁଟିରେ ଥିବା ନର୍ସ ସାଲାଇନ୍‌ର ଏକ୍ସପାଏରୀ ତାରିଖ ନ ଦେଖି ରୋଗୀଙ୍କୁ ପ୍ରଦାନ କରିଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ଡାକ୍ତରଖାନାରେ ହୋହଲ୍ଲା କରିଥିଲେ। ଖବରପାଇ କପ୍ତିପଦା ଥାନା ଆଇଆଇସି ରୀନା ବେହେରା ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।

# ସାନ୍ତାଳୀ ଭାଷା ଶିକ୍ଷକ ନିଯୁକ୍ତି ଦାବି



ମାସାର ସଭାପତି ଶୁକଲାଲ ମାରାଣ୍ଡି ଓ ଅନ୍ୟମାନେ।

**ବାରିପଦା ଅଫିସ,୧୬।୧୨**

ମୟୂରଭଞ୍ଜ ଜିଲାରେ ସାନ୍ତାଳୀ ସମ୍ପ୍ରଦାୟର ଲୋକ ବହୁ ପରିମାଣରେ ବସବାସ କରନ୍ତି। ଏଥିପାଇଁ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ସାନ୍ତାଳୀ ଶିକ୍ଷାର ବ୍ୟବସ୍ଥା କରାଯାଇଛି। ହେଲେ ରାଜ୍ୟ ସରକାର ଏହି ଶିକ୍ଷା ବ୍ୟବସ୍ଥାରେ ସାନ୍ତାଳୀ ଶିକ୍ଷକ ନିଯୁକ୍ତ କରିବା ଦିଗରେ ଗୁରୁତ୍ୱ ଦେଉନାହାନ୍ତି। ଏହି ଭଳି ଶିକ୍ଷା ବ୍ୟବସ୍ଥାକୁ ବିରୋଧ କରିଛନ୍ତି ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ(ମାସା)ର ରାଜ୍ୟ ସଭାପତି ଶୁକଲାଲ ମାରାଣ୍ଡି। ମୟୂରଭଞ୍ଜ ଜିଲାରେ ବଙ୍ଗଳା ଓ ତେଲୁଗୁ ଭାଷାର ଶିକ୍ଷକ ପଦବୀ ପାଇଁ ସରକାର ଯେତିକି ଗୁରୁତ୍ୱ ଦେଉଛନ୍ତି ଏଠାକାର ସ୍ଥାନୀୟ ଭାଷାରେ ଶିକ୍ଷକ ନିଯୁକ୍ତିକୁ ଗୁରୁତ୍ୱ ନ ଦେବା ଜିଲାର ସାନ୍ତାଳୀ ସମ୍ପ୍ରଦାୟଙ୍କ ପ୍ରତି ଅବହେଳା ପ୍ରମାଣିତ ହୋଇଛି ବୋଲି ମଧ୍ୟ ସେ କହିଛନ୍ତି।

ଆଶାୟୀ କନିଷ୍ଠ ସାନ୍ତାଳୀ ଶିକ୍ଷକ ସଂଘର ସଦସ୍ୟମାନଙ୍କ ପ୍ରତିନିଧି ଦଳର ନେତୃତ୍ୱ ନେଇ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରାଙ୍କୁ ସାକ୍ଷାତ କରି ସେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ସାନ୍ତାଳୀ ଭାଷାରେ ସିଟି ପାସ ତଥା ସିଟି ତାଲିମ ଛାତ୍ରୀଛାତ୍ରଙ୍କୁ ଥଇଥାନ ପାଇଁ ଶିକ୍ଷକ ପଦବୀ ବାହାର କରି ସେମାନଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ଦାବି କରିଛନ୍ତି। ଜିଲା ଶିକ୍ଷା ବିଭାଗ ଏଦିଗରେ ଗୁରୁତ୍ୱ ନ ଦେଲେ ମାସା ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି। ଏଥିରେ ମୁକେଶ ମାରାଣ୍ଡି, ଦିଲ୍ଲୀପ କୁମାର ମାଝୀ, ଚାନ୍ଦ ମାର୍ସାଲ ଟୁଡୁ ପ୍ରମୁଖଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।

### ବେତନଟୀ ପ୍ରିମିୟର ଲିଗ୍ ସିଜିନ-୭

# ଆରୟନ ଫାଇଟର୍ସ ଚାମ୍ପିୟନ



ପୁରସ୍କାର ବିତରଣ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**ବେତନଟୀ,୧୬।୧୨(ଡି.ଏନ୍.ଏ.)**

ବେତନଟୀ କ୍ରିକେଟ କ୍ଲବ ଆନୁକୁଲ୍ୟରେ ବେତନଟୀ ପ୍ରିମିୟର ଲିଗ ସିଜିନ-୭ର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଛି। ଏହି ମ୍ୟାଚରେ ଆରିୟନ ଫାଇଟର୍ସ ନଡ଼ପୁର ଏମ୍ପୋରିୟର୍ସଙ୍କୁ ପରାସ୍ତ କରି ଫାଇନାଲ ଟାଇଟଲ ଜିତିଛି। ଟସ୍ ଜିତି ଆରୟନ ଫାଇଟର୍ସ ୨୩.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୬୪ ରନ କରିଥିଲେ। ଦଳର ଶୁଭଦତ୍ତ ଦ୍ୱିବେଦୀ ସର୍ବାଧିକ ୧୭ ବଲରେ ୪୪ ରନ କରଥିଲେ। ନଡପୁର ଦଳର ଅଜୟ ଦାସ ୪.୧ ଓଭରରେ ୪୮ ରନ ଦେଇ ୪ଟି ଉଇକେଟ ଅକ୍ତିଆର କରିଥିଲେ। ୧୬୫ ରନର ଟାର୍ଗେଟରେ ନଡପୁର ଏମ୍ପୋରିୟର୍ସ ଦଳ ୨୨.୩ ଓଭରରେ ୧୧୧ ରନ କରି ଅଲଆଉଟ ହୋଇଯାଇଥିଲେ। ଦଳ ପକ୍ଷରୁ ସଞ୍ଜୟ ପରିଚ୍ଛା ସର୍ବାଧିକ ୧୩ ବଲରୁ ୪୬ ରନ ସଂଗ୍ରହ କରିଥିଲେ। ବିପକ୍ଷ ଦଳର ହରିହର ମାହାନା ୪ ଓଭରରେ ୭ରନ ଦେଇ ୪ଟି ଉଇକେଟ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବିସିସି ସଭାପତି ଶଶୀକାନ୍ତ ମାହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ମୟୂରଭଞ୍ଜ ଏମପି ଇଂ.ବିଶ୍ୱେଶ୍ୱର ଟୁଡୁ, ସମ୍ମାନନୀୟ ଅତିଥି ବଡସାହି ବିଧାୟକ ସନାତନ ବିଜୁଳି, ଭାଜପା ଜିଲା ସଭାପତି କୃଷ୍ଣଚନ୍ଦ୍ର ମହାପାତ୍ର, ଅନ୍ୟତମ ଅତିଥି ଭାବେ ଭାଜପା ନେତା ସୂର୍ଯ୍ୟଚୂଡ ମଣ୍ଡଳ, ମଣ୍ଡଳ ସଭାପତି ରାଜକିଶୋର ସାହା ପ୍ରମୁଖ ଉପସ୍ଥିତ ଥିଲେ। ଆରିୟନ ଫାଇଟର୍ସଙ୍କୁ ଚାମ୍ପିୟନ ଟ୍ରଫି ଓ ନଡପୁର ଏମ୍ପୋରିୟର୍ସଙ୍କୁ ରନର୍ସଅପ ଟ୍ରଫି ପ୍ରଦାନ କରାଯାଇଥିଲା। ଅମ୍ପାୟାର ଭାବେ ପ୍ରକାଶ ଜ୍ୟୋତି, ଅନୂପ ଦଣ୍ଡପାଟ,ସୁଧାକର ପଣ୍ଡା ଖେଳ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିସିସି ସଦସ୍ୟ କେଶବ ନାଥ, ପ୍ରଶାନ୍ତ ନାଥ, ଅନୂପ ପରିଡ଼ା, ସାଗର ସାହୁ, ରାଜେଶ ବେହେରା, ରବୀନ୍ଦ୍ର ସାହୁ, କିଶୋର ନାଥ, ସିପୁନ ନାଥ ପ୍ରମୁଖ ସହଯୋଗ କରିଥିଲେ।

## ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

**ଖୁଣ୍ଟା,୧୬।୧୨(ଡି.ଏନ୍.ଏ.)**

ଖୁଣ୍ଟା ବ୍ଲକ ଲକ୍ଷ୍ମଣସାହି ପଞ୍ଚାୟତ ଅଧୀନ ତାଢ଼େକେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ରବିବାର ପୁରାତନ ଛାତ୍ରୀଛାତ୍ରୀଙ୍କର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର କାସ୍ତଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଉପଦେଷ୍ଟା ହରିପଦ ସରଘରିଆ ବିଦ୍ୟାଳୟର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ଭାଗବତ ମହାନ୍ତ ଛାତ୍ରୀଛାତ୍ରମାନଙ୍କୁ ଉପଦେଶ ମୂଳକ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ଛାତ୍ରୀଛାତ୍ରମାନେ ସେମାନଙ୍କର ଅନୁଭୂତିକୁ ନିଜ ମଧ୍ୟରେ ବାଣ୍ଟିବା ସହିତ ଉକ୍ତ ବିଦ୍ୟାଳୟରେ ପଢିବା ସମୟରେ ଶିକ୍ଷକମାନେ ବିଭିନ୍ନ ସମୟରେ ଦେଇଥିବା ଉପଦେଶ ଗୁଡିକୁ ମନେ ପକାଇ ଥିଲେ। ସମାବେଶ ଆୟୋଜନ କମିଟିର କର୍ମକର୍ତ୍ତା ପୁରାତନ ଛାତ୍ର ଶୁଭେନ୍ଦୁ ସାହୁ ଓ ତାପସ ସରଘରିଆ ନିଜର ସଫଳତା କହିବାକୁ ଯାଇ କିପରି ସେମାନେ ସିନେ ଜଗତର ପ୍ରଯୋଜକ ଓ ନିର୍ଦ୍ଦେଶକ ଭାବେ ପ୍ରତିଷ୍ଠା ହୋଇପାରିଛନ୍ତି ସେ ସମ୍ପର୍କରେ ଅନୁଭୂତି ବାଣ୍ଟିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ଉକ୍ତ ବିଦ୍ୟାଳୟର ବର୍ତ୍ତମାନର ଶିକ୍ଷୟିତ୍ରୀ ଶିକ୍ଷକ ଓ ଯୋଗ ଦେଇଥିବା ପୂର୍ବତନ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା।

# 'ମାଘେ ପରବ' ଉଦ୍‌ଯାପିତ



ଉତ୍ସବରେ ଉପସ୍ଥିତ ଅତିଥିମାନେ।

**କପ୍ତିପଦା,୧୬।୧୨(ଡି.ଏନ୍.ଏ)**

କପ୍ତିପଦା ବ୍ଲକ୍ ଅଧୀନ ନଟୋଠାରେ ଶୁଶୁନ ଦୁରାଂ କରାଂ ଆକଳା, ମାତକମ ସାହି ଆନୁକୁଲ୍ୟରେ ପାଳିତ ହେଉଥିବା 'ଦିଶୁମ ମାରାଂ ମାଘେ ପରବ' ପାଳିତ ହୋଇଯାଇଛି। ଗ୍ରାମ ଦେହୁରୀଙ୍କ ଦ୍ୱାରା ଦେଶାଉଲିଙ୍କୁ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ଏକ ବୈଠକରେ ହୋ ଜୁନିୟର ମହାବିଦ୍ୟାଳୟ ଠାକୁରମୁଣ୍ଡାର ଅଧକ୍ଷ ବାଗୁନ ସିଂ ଜାରିକା ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ, ମୁଖ୍ୟବକ୍ତା ପିଆରଏମ ମହାବିଦ୍ୟାଳୟ ଶରତର ଅଧକ୍ଷ ଭଗବାନ ପଣ୍ଡା, ସମ୍ମାନନୀୟ ଅତିଥି ହୋ ଲାଙ୍ଗୁଏଜ ଆକ୍ସନ କମିଟିର ସମ୍ପାଦକ କାଇରା ସିଂ ବାନ୍ଦିଆ, ନଟୋ ସରପଞ୍ଚ ଜ୍ୟୋତିଶ୍ରୀ ସିଂ, ସମିତି ସଭ୍ୟା ଦିଓଗୀ ବଇପଇ, ତୁରାମ ସିଂ, କୃପାସିନ୍ଧୁ ବେହେରା, ରାଣୀ ପୋଖରୀ ସରପଞ୍ଚ ମାଧୁରୀ ବଦ୍ରା, ଶରତ ସରପଞ୍ଚ ଚୈତନ୍ୟ ସୋରେନ, ହୋ ଦୁଦାଇ ଦସ୍ତୁର ସେନେଲ୍‌ର ସଭାପତି ବିଶ୍ୱନାଥ ବଦ୍ରା, ପୂର୍ବତନ ସରପଞ୍ଚ ବାମିଆ ତିଉ, ଜଣ୍ଡକ ସିଂ, ବୀରେନ୍ଦ୍ର ମହାନ୍ତ, ଲାଦୁରା ହାଇବୁରୁ ଓ ସମାଜସେବୀ ସିଙ୍ଗିରାୟ ସିଂ ପ୍ରମୁଖ ଯୋଗଦେଇ ଏହି ପରମ୍ପରା ବଞ୍ଚାଇ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ନିର୍ମିତ ଏକ କମ୍ୟୁନିଟି ହଲ୍‌କୁ ବିଧାୟିକା ଉଦଘାଟନ କରିଥିଲେ।

# ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ

**ରାଇରଙ୍ଗପୁର,୧୬।୧୨(ଡି.ଏନ୍.ଏ.)**




ରାଜ୍ୟସ୍ତରକୁ ମନୋନୀତ ପ୍ରତିଯୋଗୀମାନଙ୍କ ସହ ଅତିଥିବୃନ୍ଦ।

ରାଇରଙ୍ଗପୁର ସରକାରୀ ବାଳକ ହାଇସ୍କୁଲଠାରେ ମୟୂରଭଞ୍ଜ ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସ୍ୱାଧାଦେବ ସିଂହ ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଇରଙ୍ଗପୁର ଉପଜିଲାପାଳ ଧର୍ମାନନ୍ଦ ବେହେରା, ଅନ୍ୟତମ ଅତିଥିଭାବେ ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ଆଟିଆରର ବୈଜ୍ଞାନିକ ପ୍ରଭାକର ମଲ୍ଲିକ, ବ୍ଲକ ଶିକ୍ଷାଧିକାରୀ ରାଜେଶ କୁମାର ପ୍ରଧାନ(ଗୋପବନ୍ଧୁ ନଗର), ପ୍ରଶାନ୍ତ କୁମାର ମହାନ୍ତି(ବାରିପଦା), ଜିଲା ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ସାହୁ, ରାଇରଙ୍ଗପୁର ସରକାରୀ ହାଇସ୍କୁଲ ପୁରାତନ ଛାତ୍ର ସଂଗଠନ ଉପସଭାପତି ରାମକୃଷ୍ଣ ମହାନ୍ତି, ଶୁକ୍ଳି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋବିନ୍ଦ ହେମ୍ବ୍ରମ ଯୋଗ ଦେଇଥିଲେ। ଜିଲା ଶିକ୍ଷାଧିକାରୀ ଧ୍ରୁବ ଚରଣ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଯୋଗ ଦେଇଥିବା ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ପ୍ରକୃତିର ସବୁ କ୍ଷେତ୍ରରେ ବିଜ୍ଞାନ ଜଡିତ। ବିଜ୍ଞାନ ହିଁ ମାନବକୁ ଆଗକୁ ବଢିବାର ଶିକ୍ଷା ଦେଉଛି ବୋଲି କହିଥିଲେ।

କମିଟିର ସମ୍ପାଦକ ତଥା ରାଇରଙ୍ଗପୁର ବ୍ଲକ ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ୧୫୭ଟି ପ୍ରକଳ୍ପ ସାମିଲ ହୋଇଥିବା ବେଳେ ୧୦ଟି ପ୍ରକଳ୍ପକୁ ରାଜ୍ୟସ୍ତରକୁ ମନୋନୀତ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ବିଜ୍ଞାନ ପ୍ରଦର୍ଶନୀର ସଫଳତା ନିମନ୍ତେ ପଶୁଦା ହାଇସ୍କୁଲର ପ୍ରଧାନ ଶିକ୍ଷକ ଗଜେନ୍ଦ୍ର ନାଥ ମଡୁଆଳ ଏବଂ ଜି.ବି ନଗର ବ୍ଲକ ଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଏସ୍‌ଭିଏସ୍‌ରେ ଦିନିକିଆ ଶିକ୍ଷକ କର୍ମଶାଳା




ଶିବିରରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକ ବୃନ୍ଦ।

**ବାରିପଦା ଅଫିସ,୧୬।୧୨**

ମୟୂରଭଞ୍ଜ ଜିଲା ଶିରିଷବଣି ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାଶ୍ରମ(ଏସଭିଏସ)ରେ ସିବିଏସଇ ଭୁବନେଶ୍ୱର ତରଫରୁ ଲାଇଫ ସ୍କିଲ ବିଷୟବସ୍ତୁ ଉପରେ ଶିକ୍ଷକମାନଙ୍କ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୟୂରଭଞ୍ଜ, ବାଲେଶ୍ୱର ଓ କେନ୍ଦ୍ରାପଡା ଜିଲାର ୮ ଟି ବିଦ୍ୟାଳୟର ୬୦ ଜଣ ଶିକ୍ଷୟିତ୍ରୀଶିକ୍ଷକ ଅଂଶ ଗ୍ରହଣ କରିଥିଲେ। ସିବିଏସଇ ତରଫରୁ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଏସଭିଏସର ଅଧକ୍ଷା ବୀଣାପାଣି ଦାସ ଓ ବିଜେଇଏମ ଭୁବନେଶ୍ୱରର ଉପାଧକ୍ଷ ସର୍ବେଶ୍ୱର ସାମଲଙ୍କୁ ରିସୋର୍ସ ପର୍ସନ ଭାବେ ନିଯୁକ୍ତ କରାଯାଇଥିଲା। କର୍ମଶାଳା ପ୍ରାରମ୍ଭରେ ଏସଭିଏସର ସମ୍ପାଦକ ଅଜୟ ମିଶ୍ର ସମସ୍ତଙ୍କୁ ସ୍ୱାଗତ କରିଥିଲେ। କର୍ମଶାଳାରେ ଉଭୟ ରିସୋର୍ସ ପର୍ସନମାନେ ଶିକ୍ଷକମାନଙ୍କୁ ଲାଇଫ ସ୍କିଲ ଉପରେ ବୁଝାଇଥିଲେ। ସିବିଏସଇ ପକ୍ଷରୁ ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କର୍ମଶାଳାକୁ ସନ୍ଦୀପ କୁମାର ବେହେରା ପରିଚାଳନା କରିଥିଲେ।

# ବେଧଡ଼କ ଚାଲିଛି ମୋରମ ଖନନ

## ଡମ୍ପର ଜବତ, ୩୫ ହଜାର ଜରିମାନା ଆଦାୟ

**ବଡ଼ସାହି,୧୬।୧୨(ସ୍ୱ.ପ୍ର.)**

ବଡ଼ସାହି ତହସିଲ ଅଞ୍ଚଳରେ ଥିବା ଜନୈକ ବ୍ୟକ୍ତିଙ୍କ ଜମିରୁ ବେଆଇନ ମୋରମ ଚାଲାଣ ହେବା ଖବରପାଇ ତହସିଲ କର୍ତ୍ତୃପକ୍ଷ ଚଢାଉ କରି ଏକ ଡମ୍ପରକୁ ଜବତ କରିଛନ୍ତି। ମୋରମ ପରିବହନ ସମ୍ପର୍କିତ ଚାଲାଣର ପରମିଟ ଓ ଆବଶ୍ୟକ କାଗଜପତ୍ର ଡ୍ରାଇଭର ଦେଖାଇ ନ ପାରିବାରୁ ଡମ୍ପର (ନଂ.ଓଡ଼ି୧୪-୭୨୦୧) ଟିକୁ ଜବତ କରି ଥାନାକୁ ଅଣା ଯାଇଥିଲା। ଜବତ ଡମ୍ପର ମାଲିକଙ୍କଠାରୁ ୩୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଭାରପ୍ରାପ୍ତ ତହସିଲଦାର ପୃଥ୍ୱୀରାଜ ପରିଡ଼ା କହିଛନ୍ତି।

ସୂଚନା ଅନୁଯାୟୀ, ବଡ଼ସାହି ତହସିଲ ଓ ଥାନାଠାରୁ ଅଳ୍ପ କିଛି ଦୂରରେ ଥିବା ଜନୈକ ବ୍ୟକ୍ତିଙ୍କ ଜମିରୁ ଦିନରାତି ଜେସିବି ମେଶିନ ଯୋଗେ ଶତାଧିକ ଟ୍ରିପ ମୋରମ ଉତ୍ତୋଳନ କରାଯାଉଛି। ଏହି ମୋରମକୁ ପଡୋଶୀ ଜିଲାକୁ ଚାଲାଣ କରାଯାଉଛି। ବଡ଼ସାହି-ମାଣତ୍ରୀ ମୁଖ୍ୟ ରାସ୍ତାରେ ଚଳପ୍ରଚଳ କରୁଥିବା ଲୋକେ ଏହା ଦେଖି ପ୍ରଶାସନକୁ ଖବର ଦେବା ପରେ ମଧ୍ୟ ଅଧିକାରୀମାନେ ଜାଣିଶୁଣି ଚୁପ୍ ରହୁଥିବା ଅଭିଯୋଗ ହେଉଛି। ସୋମବାର ଅପରାହ୍ନରେ ଏକ ଜେସିବି ମେଶିନ ଯୋଗେ ମୋରମ ଉତ୍ତୋଳନ ହେଉଥିବା ଖବରପାଇ ଭାରପ୍ରାପ୍ତ ତହସିଲଦାର ପରିଡ଼ା ଡାହିସାହି ନିକଟରେ ଏକ ଡମ୍ପରକୁ ଅଟକ ରଖି କାଗଜପତ୍ର ତନଖି କରିଥିଲେ। ଆବଶ୍ୟକ କାଗଜପତ୍ର ଓ ପରମିଟ ନ ଥିବାରୁ ଉକ୍ତ ଡମ୍ପରଟିକୁ ଥାନାକୁ ଆଣିଥିଲେ। ସେଠାରେ ଏକ ଜେସିବି ମେଶିନରେ ମୋରମ ଉତ୍ତୋଳନ ହୋଇ ଡମ୍ପରରେ ଲୋଡିଂ କରାଯାଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ ହେଁ ପ୍ରଶାସନ ଜାଣିଶୁଣି ସେହି ସ୍ଥାନକୁ ନ ଯିବା ସାଧାରଣରେ ଆଲୋଚନା ଜୋର ଧରିଛି। ଏପରିକି ଅନ୍ୟ ଏକ ଡମ୍ପର ମୋରମ ଆଣିବାକୁ ଯାଇ ବୋଝେଇ କରୁଥିବା ସମୟରେ ଚୋରାଚାଲାଣକାରୀମାନେ ଖବରପାଇ ମୋରମକୁ ସେହି ସ୍ଥାନରେ ଢାଳିଦେଇ ଖାଲି ଡମ୍ପରଟି ଫେରାଇ ଆଣିଥିଲେ। ପ୍ରଶାସନର ଏଭଳି କାର୍ଯ୍ୟକଳାପକୁ ଅଞ୍ଚଳବାସୀ ନିନ୍ଦା କରିବା ସହ ସରକାରଙ୍କ ୫-ଟି ନିୟମ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି କଂଗ୍ରେସ ଯୁବ ନେତା ଶଶାଙ୍କ ଶେଖର କର ପ୍ରକାଶ କରିଛନ୍ତି। ସେହିପରି ଦୀର୍ଘ ଦିନ ପୂର୍ବେ ହଳଦୀପଦା ଗ୍ରାମ୍ୟ ଜଙ୍ଗଲରୁ ମୋରମ ଉତ୍ତୋଳନ କରୁଥିବା ଜାଣି ପୋଲିସ ଓ ରାଜସ୍ୱ ବିଭାଗ ଚଢାଉ କରି ଲକ୍ଷାଧିକ ଟଙ୍କା ଜରିମନା ଆଦାୟ କରିଥିଲେ। ମାତ୍ର ଅଫିସଠାରୁ ଅଳ୍ପ ଦୂରରେ ଥିବା ରାଜସ୍ୱ ବିଭାଗ, ପୋଲିସ ଓ ବନବିଭାଗ ପକ୍ଷରୁ ବେଆଇନ ଉତ୍ତୋଳନକୁ ରୋକ୍ ଲଗାଇବାରେ ସକ୍ଷମ ହେଉ ନ ଥିବାରୁ ସରକାରଙ୍କ ବହୁ କୋଟି ଟଙ୍କା ରାଜସ୍ୱହାନୀ ହେଉଛି ବୋଲି ବଡ଼ସାହି ପଞ୍ଚାୟତର ନାଏବ ସରପଞ୍ଚ ଦୀପକ କୁମାର ବାରିକ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ତହସିଲଦାର ପରିଡା କହନ୍ତି, ରାଜସ୍ୱ ନିରୀକ୍ଷକଙ୍କୁ ସରଜମିନ ତଦନ୍ତ ପାଇଁ ପଠାଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ନୋଟିସ ପ୍ରଦାନ କରାଯାଇ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ବେଆଇନ ମୋରମ ଖନନ କରୁଥିବା ଜେସିବି ମେଶିନ ଓ ଡମ୍ପର।

# ସଂକ୍ଷେପରେ

## ପାଇକାରୀ ମୁଦ୍ରାସ୍ଫୀତି ୦.୫୮%କୁ ବୃଦ୍ଧି

ନୂଆଦିଲ୍ଲୀ,୧୬-୧୨
ନଭେମ୍ବରରେ ପାଇକାରୀ ମୂଲ୍ୟ ଭିତ୍ତିକ ମୁଦ୍ରାସ୍ଫୀତି ୦.୫୮%କୁ ବୃଦ୍ଧି ଘଟିଛି। ଏହା ଅକ୍ଟୋବରରେ ୦.୧୬% ରହିଥିଲା। ଖାଦ୍ୟ ସାମଗ୍ରୀ ଦର ବୃଦ୍ଧି ଯୋଗୁ ପାଇକାରୀ ମୁଦ୍ରାସ୍ଫୀତି ବୃଦ୍ଧି ଘଟିଥିବା ଜଣାପଡିଛି। ମାସିକ ପାଇକାରୀ ମୂଲ୍ୟ ସୂଚୀ(ଡବ୍ଲ୍ୟୁପିଆଇ) ୨୦୧୮ ନଭେମ୍ବରରେ ୪.୪୭% ରହିଥିଲା। ଚଳିତବର୍ଷ ନଭେମ୍ବରରେ ଖାଦ୍ୟ ସାମଗ୍ରୀ ଦର ୧୧ % ବଢ଼ିଛି। ଏହା ଗତ ମାସରେ ୯.୮୦% ବଢ଼ିଥିଲା। ଏହି ସମୟରେ ଅଣ ଖାଦ୍ୟ ସାମଗ୍ରୀ ଦର ୧.୯୩% ବୃଦ୍ଧି ଘଟିଛି। ଯାହା ଅକ୍ଟୋବରରେ ୨.୩୫% ରହିଥିଲା ବୋଲି ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ଦେଇଥିବା ତଥ୍ୟରୁ ସାମ୍ନାକୁ ଆସିଛି। ମାନୁଫାକଚର୍ଡ ପ୍ରଡକ୍ଟ କ୍ଷେତ୍ରରେ ପାଇକାରୀ ମୂଲ୍ୟସୂଚୀ (-) ୦.୮୪% ରହିଛି। ଗତ ସପ୍ତାହରେ ପ୍ରକାଶ ପାଇଥିବା ଖୁଚୁରା ମୁଦ୍ରାସ୍ଫୀତି ନଭେମ୍ବରରେ ୩ ବର୍ଷର ସର୍ବୋଚ୍ଚ ସ୍ତର ୫.୫୪% ସ୍ତରରେ ରହିଥିବା ଜଣାପଡିଛି।

## ଏସାର ଷ୍ଟିଲର ଅଧିଗ୍ରହଣ ପ୍ରକ୍ରିୟା ସମ୍ପୂର୍ଣ୍ଣ

ନୂଆଦିଲ୍ଲୀ,୧୬-୧୨
ଏସାର ଷ୍ଟିଲର ଅଧିଗ୍ରହଣ ପ୍ରକ୍ରିୟା ସୋମବାର ସମ୍ପୂର୍ଣ୍ଣ ହୋଇଛି। ୪୨ ହଜାର କୋଟି ଟଙ୍କାର ଏହି ଡିଲ୍‌କୁ ମିଳିତ ଭାବେ ଆର୍ସେଲର ମିତ୍ତଲ ଏବଂ ନିପନ ଷ୍ଟିଲ ଏସାର ଋଣ ପ୍ରଦାନକାରୀଙ୍କ ସହ ସମାଧାନ କରିଛନ୍ତି। ଏହି ଦୁଇ କମ୍ପାନୀ ମିଶି ଏକ ଯୌଥ ଉଦ୍ୟୋଗ ସ୍ଥାପନ କରିଥିବା ଆର୍ସେଲର ମିତ୍ତଲ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ନୂଆ କମ୍ପାନୀର ନାମ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ ଲିମିଟେଡ ରହିଛି। ଏହା ଏସାର ଷ୍ଟିଲ ଇଣ୍ଡିଆ ଲିମିଟେଡକୁ ପରିଚାଳନା କରିବ। ଯୌଥ ଉଦ୍ୟୋଗରେ ଆର୍ସେଲର ମିତ୍ତଲର ୬୦% ଅଂଶଧନ ରହିବ। ନୂଆ କମ୍ପାନୀର ସଭାପତି ଏବଂ ସିଏଫ୍‌ଓ ଭାବେ ଆଦିତ୍ୟ ମିତ୍ତଲଙ୍କ ନାମ ଘୋଷଣା କରାଯାଇଛି। ସେହିଭଳି ଦିଲୀପ ଓମେନ ଯୌଥ ଉଦ୍ୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବେ କାର୍ଯ୍ୟ କରିବେ ବୋଲି କୁହାଯାଇଛି। ସୂଚନାଯୋଗ୍ୟ ଏସାର ଷ୍ଟିଲ ମାମଲା ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡର ଅନ୍ତର୍ଗତ ସମାଧାନ କରାଯାଇଛି।

## ଆର୍‌ଏମ୍‌ଓରେ ଆକାଶ ଛାତ୍ରୀଛାତ୍ରଙ୍କ ସଫଳତା

ନୂଆଦିଲ୍ଲୀ,୧୬-୧୨
ରିଜିଅନାଲ ମ୍ୟାଥମେଟିକାଲ ଅଲିମ୍ପିଆଡ(ଆର୍‌ଏମ୍‌ଓ)ରେ ଆକାଶ ଏଜୁକେଶନାଲ ସର୍ଭିସେସ ଲିମିଟେଡର ୧୧୪ ଛାତ୍ରୀଛାତ୍ର ସଫଳ ହୋଇଛନ୍ତି। ୨୦୧୮ର ଫଳାଫଳ ତୁଳନାରେ ଚଳିତ ବର୍ଷ ୨୭% ଅଧିକ ଛାତ୍ରୀଛାତ୍ର ସଫଳ ହୋଇଥିବା ଆକାଶ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତିଷ୍ଠାନର ଆକାଶ ସିହ୍ନା ଆର୍ ଏମ୍‌ଓ ସର୍ବଭାରତୀୟ କେନ୍ଦ୍ରୀୟ ବିଦ୍ୟାଳୟ ଟପ୍ପର ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଆର୍‌ଏମ୍‌ଓ ଇଣ୍ଟରନ୍ୟାଶନାଲ ମ୍ୟାଥମେଟିକାଲ ଅଲିମ୍ପିଆଡର ଷ୍ଟେଜ ୨ ପରୀକ୍ଷା। ଅଷ୍ଟମଠାରୁ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ର ଏଥିରେ ଭାଗ ନେବାକୁ ନିୟମ ରହିଛି। ଚଳିତ ବର୍ଷ ସଫଳତା ଆଶାଠାରୁ ଅଧିକ ରହିଛି ବୋଲି ଆକାଶ ଏଜୁକେଶନାଲ ସର୍ଭିସେସ ଲିମିଟେଡର ସିଇଓ ଆକାଶ ଚୌଧୁରୀ କହିଛନ୍ତି।

## ସୋନି ଆଣିଲା ନୂଆ କ୍ୟାମେରା

ନୂଆଦିଲ୍ଲୀ,୧୬-୧୨: ସୋନି ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ ନୂଆ ଆଲ୍‌ଫା ୯ ଆଇଆଇ କ୍ୟାମେରା ବଜାରକୁ ଆସିଛି। କମ୍ପାନୀର ଏହି ଫୁଲଫ୍ରେମ ଇଣ୍ଟରଚେଞ୍ଜେବଲ ଲେନ୍ସ କ୍ୟାମେରା ଫିଲ୍ଡ ଫଟୋଗ୍ରାଫି ଏବଂ ଓ୍ୱାର୍କିଂ ପ୍ରଫେସନାଲଙ୍କ ଲାଗି ସହାୟକ ହୋଇପାରିବ। ଏହି କ୍ୟାମେରାର ବଜାର ଦର ୩.୯୯ ଲକ୍ଷ ଟଙ୍କା ରହିଛି। ଏଥିରେ ବିଲ୍ଟ ଇନଓ୍ୱେରଲେସ ଏଲ୍‌ଏଏନ୍ କାର୍ଯ୍ୟକାରିତାକୁ ବୃଦ୍ଧି କରାଯାଇଛି। ଧୂଳି ଏବଂ ଆଦ୍ରତା ଫ୍ରି ଡିଜାଇନ ଗ୍ରାହକମାନେ ଏଠାରେ ଲାଭ କରିପାରିବେ। ପେସାଦାରଙ୍କ ବିଭିନ୍ନ ଆବଶ୍ୟକତା ପୂରଣ ଦିଗରେ ଏହା କାର୍ଯ୍ୟ କରିବ ବୋଲି କୁହାଯାଇଛି। ଉତ୍ତମ ପିକଚର କ୍ୱାଲିଟି, ୨ ମିଡିଆ ସ୍ଲଟ, ୟୁଏଚ୍‌ଏସ୍‌ଆଇ ଏସ୍‌ଡି କାର୍ଡ ଉଚ୍ଚ ପ୍ରାଥମିକ ଦକ୍ଷତା ଏବଂ ଦ୍ରୁତତମ ରାଇଟ ବେଗ ଦେଇଥାଏ।

---



"ଅଭିବୃଦ୍ଧି ହାର ହ୍ରାସ, ମୁଦ୍ରାସ୍ଫୀତି ଭଳି ବିଭିନ୍ନ ପ୍ରସଙ୍ଗକୁ ଧ୍ୟାନରେ ରଖାଯାଇଛି। ଆବଶ୍ୟକତାକୁ ଧ୍ୟାନରେ ରଖି କେନ୍ଦ୍ରୀୟ ବ୍ୟାଙ୍କ ଜରୁରୀ ପଦକ୍ଷେପ ଗ୍ରହଣ କରିବ।"
–ଶକ୍ତିକାନ୍ତ ଦାସ, ଗଭର୍ଣ୍ଣର, ରିଜର୍ଭ ବ୍ୟାଙ୍କ



"ଭାରତକୁ ନେଇ ପ୍ରତିଶ୍ରୁତିବଦ୍ଧ। ଗତ ୧୦ ବର୍ଷ ମଧ୍ୟରେ ୩୫ ବିଲିୟନ ଡଲାର ଏଠାରେ ନିବେଶ କରିଛୁ। ୨ରୁ ୩ ବର୍ଷ ମଧ୍ୟରେ ଆଉ ୬୦ ହଜାର କୋଟି ନିବେଶ କରାଯିବ।"
–ଅନିଲ ଅଗ୍ରୱାଲ, ଅଧ୍ୟକ୍ଷ, ବେଦାନ୍ତ ରିସୋର୍ସେସ

---

### ପ୍ରାକ୍ ବଜେଟ୍ ଆଲୋଚନା ଆରମ୍ଭ

# ଡିଜିଟାଲ ଅର୍ଥ ବ୍ୟବସ୍ଥା,ଷ୍ଟାର୍ଟଅପ୍ ପ୍ରତିନିଧିଙ୍କୁ ଭେଟିଲେ ଅର୍ଥମନ୍ତ୍ରୀ



- ଡାଟା ବିଶ୍ୱସନୀୟତା ବୃଦ୍ଧି ଉପରେ ଫୋକସ
- ଷ୍ଟାର୍ଟ ଅପ୍‌ଗୁଡିକୁ ପ୍ରୋତ୍ସାହନ ଲାଗି ଶିଳ୍ପର ଦାବି

ନୂଆଦିଲ୍ଲୀ,୧୬-୧୨

୨୦୨୦ ସାଧାରଣ ବଜେଟ ପୂର୍ବରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ପ୍ରାକ୍ ବଜେଟ ପରାମର୍ଶ ପ୍ରକ୍ରିୟା ସୋମବାରଠାରୁ ଆରମ୍ଭ କରିଛନ୍ତି। ଏହି ଅବସରରେ ସେ ଡିଜିଟାଲ ଅର୍ଥ ବ୍ୟବସ୍ଥା, ଷ୍ଟାର୍ଟଅପ୍ ଏବଂ ଫିନଟେକ ପ୍ରତିନିଧିଙ୍କୁ ଭେଟିଛନ୍ତି। ବୈଠକରେ ମୁଖ୍ୟତଃ ଡାଟା ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଡାଟା ବିଶ୍ୱସନୀୟତା ଉନ୍ନତୀକରଣ ଉପରେ ସରକାର ଏବେ ଫୋକସ ରଖିଥିବା ସୀତାରାମନ ବୈଠକରେ ଗୁରୁତ୍ୱାରୋପ କରିଛନ୍ତି। ବିଗ୍ ଡାଟା ପ୍ରଯୁକ୍ତି, ବୃହତ୍ ଡାଟା ତଥ୍ୟର ବିଶ୍ଳେଷଣ, ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ଲାଗି ବିଗ୍‌ଡାଟା ପ୍ରଯୁକ୍ତିର ପ୍ରୟୋଗ, ଜନସାଧାରଣଙ୍କ ଅଭିଯୋଗର ସମାଧାନ ଲାଗି ବିଗ୍ ଡାଟା ପ୍ରଯୁକ୍ତିର ପ୍ରୟୋଗ ଭଳି ପ୍ରସଙ୍ଗ ବୈଠକରେ ସ୍ଥାନିତ ହୋଇଥିଲା। ସେହିଭଳି ଡିଜିଟାଲ ଭିତ୍ତିଭୂମି, ସରକାରଙ୍କ ଭୂମିକା, ଗୋପନୀୟତା ଉପରେ ଗୁରୁତ୍ୱାରୋପ କରୁଥିବା ଡିଜିଟାଲ ଅର୍ଥ ବ୍ୟବସ୍ଥାର ନିୟନ୍ତ୍ରଣ, ଆର୍ଥିକ ନିୟାମକ, ଷ୍ଟାର୍ଟ ଅପ୍‌ଗୁଡିକ ଲାଗି ବ୍ୟବସାୟିକ ସୁଗମତା, ଡିଜିଟାଲ ଇଣ୍ଡିଆ ଲାଗି ଭିତ୍ତିଭୂମି ଅସୁବିଧା ଦୂରୀକରଣ, ଟିକସ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା।

ଡାଟା ସେଣ୍ଟର ପ୍ରତିଷ୍ଠା ଲାଗି ପ୍ରୋତ୍ସାହନ, ଡାଟା କ୍ଷେତ୍ରୀୟକରଣ ଲାଗି ଆର୍ଥିକ ପ୍ରୋତ୍ସାହନ, ଗ୍ରାମାଞ୍ଚଳରେ ଡିଜିଟାଲର ପ୍ରସାରରେ ସହାୟତା, ଷ୍ଟାର୍ଟଅପଗୁଡିକୁ କର୍ପୋରେଟ ଗ୍ୟାରେଣ୍ଟି, ମ୍ୟାଟ ଟିକସ ଦରକୁ ଯୁକ୍ତି ସଙ୍ଗତ କରିବା, ଷ୍ଟାର୍ଟ ଅପ୍ ଲାଗି ଟିକସ ଛାଡ, ସୀମାପାର ଆର୍ଥିକ ଅପରାଧ ନିୟନ୍ତ୍ରଣ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା, ମହିଳାଙ୍କ ନିଯୁକ୍ତି ବୃଦ୍ଧି, ଗବେଷଣା ଏବଂ ବିକାଶ ଲାଗି ଆର୍ଥିକ ପ୍ରୋତ୍ସାହନ ପ୍ରସଙ୍ଗରେ ବୈଠକରେ ଆଲୋଚନା କରାଯାଇଛି। ଡିଜିଟାଲ ଅର୍ଥ ବ୍ୟବସ୍ଥା, ଫିନଟେକ ଏବଂ ଷ୍ଟାର୍ଟଅପ କ୍ଷେତ୍ରର ପ୍ରତିନିଧି ମାନେ ସେମାନଙ୍କ ମତାମକ ଏଠାରେ ପ୍ରଦାନ କରିଛନ୍ତି। ସେମାନେ ବିଭିନ୍ନ ସମସ୍ୟାର ସମାଧାନକୁ ପ୍ରସଙ୍ଗରେ ଉଲ୍ଲେଖ କରିଥିଲେ। ଷ୍ଟାର୍ଟଅପ୍‌ଗୁଡିକୁ ଟିକସ ପ୍ରୋତ୍ସାହନ କ୍ଷେତ୍ରରେ ସରକାର ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରନ୍ତୁ ବୋଲି ପ୍ରତିନିଧିମାନେ ମତ ରଖିଛନ୍ତି।ସ୍ପେଶାଲ ଇକୋନୋମିକ ଜୋନଗୁଡିକରେ କାର୍ଯ୍ୟକରୁଥିବା ସର୍ଭିସେସ କମ୍ପାନୀଗୁଡିକ ଲାଗି କର୍ପୋରେଟ ଟିକସ ହ୍ରାସ କରାଯିବା ସହ ଏହାକୁ ୧୫% କରିବା ନେଇ ଆଇଟି ଶିଳ୍ପ ପକ୍ଷରୁ ଦାବି ହୋଇଛି।

### ୩୫ ହଜାର କୋଟି ଟଙ୍କାର

# ଜିଏସ୍‌ଟି କ୍ଷତିପୂରଣ ପ୍ରଦାନ

ନୂଆଦିଲ୍ଲୀ,୧୬-୧୨





କେନ୍ଦ୍ର ସରକାର ସୋମବାର ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକୁ ୩୫ ହଜାର କୋଟି ଟଙ୍କାର ଜିଏସ୍‌ଟି କ୍ଷତିପୂରଣ ପ୍ରଦାନ କରିଛନ୍ତି। ଜିଏସ୍‌ଟି ପରିଷଦ ବୈଠକ ୧୮ରେ ଅନୁଷ୍ଠିତ ହେବାକୁ ଥିବା ପୂର୍ବେ ଏହାର ଅବ୍ୟବହିତ ଆଗରୁ ରାଜ୍ୟଗୁଡିକୁ କ୍ଷତିପୂରଣ ଦିଆଯାଇଛି। ଏ ନେଇ ରାଜ୍ୟଗୁଡିକ କେନ୍ଦ୍ର ସରକାରଙ୍କୁ ଭେଟିବା ସହ କ୍ଷତିପୂରଣ ନ ମିଳିବା ଯୋଗୁ ସେମାନଙ୍କ ଉଦ୍‌ବେଗ ପ୍ରକାଶ କରିଥିଲେ। ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ୩୫,୨୯୮ କୋଟି ଟଙ୍କାର ସରକାର ପ୍ରଦାନ କରିଥିବା କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମାଶୁଳ୍କ ବୋର୍ଡ (ସିବିଆଇସି) ପକ୍ଷରୁ ସୂଚନା ଦିଆଯାଇଛି। ଟିକସ ସଂଗ୍ରହରେ ପ୍ରଭାବ ଆସିବାକୁ କେନ୍ଦ୍ର ସରକାର ଜିଏସ୍ ଟି କ୍ଷତିପୂରଣ ପ୍ରଦାନରେ ସାମାନ୍ୟ ବିଳମ୍ବ କରିଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମ କହିଛନ୍ତି। ଜିଏସ୍‌ଟି କ୍ଷତିପୂରଣ ପ୍ରଦାନ ଲାଗି କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ଏବଂ ଏହାକୁ ନେଇ କୌଣସି ଅସୁବିଧା ସୃଷ୍ଟି ହେବ ନାହିଁ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। କେରଳ ଏବଂ ମହାରାଷ୍ଟ୍ର ଭଳି ରାଜ୍ୟ କ୍ଷତିପୂରଣ ଶୀଘ୍ର ମିଳୁ ବୋଲି ଚାହୁଁଥିଲେ।

# ହୋଣ୍ଡା ଆଇଓସିଏଲ୍ ଚୁକ୍ତି





ନୂଆଦିଲ୍ଲୀ,୧୬-୧୨

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ଏବଂ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ ଚୁକ୍ତିରେ ସାମିଲ ହୋଇଛନ୍ତି। ଏହି ଦୁଇ କମ୍ପାନୀ ମିଳିତ ହୋଇ ହୋଣ୍ଡାର ଟୁହ୍ୱିଲର୍ସ ଲାଗି ନୂଆ ରେଞ୍ଜର ସର୍ଭୋ ହୋଣ୍ଡା ଇଞ୍ଜିନ ଅଏଲ ବଜାରକୁ ଛାଡିଛନ୍ତି। ହୋଣ୍ଡାର ସ୍କୁଟର ଲାଗି ହୋଣ୍ଡା ସ୍କୋଟୋ ନେକ୍ସଟ ୧୦ ଡବ୍ଲ୍ୟୁ ୩୦ ଏମ୍‌ବି ଏବଂ ବାଇକ ମଡେଲ ଲାଗି ସର୍ଭୋ ହୋଣ୍ଡା ଜୋସ ୧୦ ଡବ୍ଲ୍ୟୁ ୩୦ ଏମ୍‌ଏ ଇଞ୍ଜିନ ଅଏଲ ଆସିଛି। ଏହା ଇନ୍ଧନ ଦକ୍ଷତା, ପିକ୍‌ଅପ୍, ଇଞ୍ଜିନ ପ୍ରୋଟେକଶନ, ଉନ୍ନତ ଗିୟର ସିଫ୍ଟିଂ, ଚ୍ୟାଲେଞ୍ଜିଂ ଡ୍ରାଇଭ କଣ୍ଡିଶନ ଦିଗରେ ସହାୟକ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଗ୍ରାହକଙ୍କୁ ସବୁ ବେଳେ ସର୍ବୋତ୍ତମ ପ୍ରଡକ୍ଟ ଏବଂ ସେବା ଯୋଗାଣ ଦିଗରେ କାର୍ଯ୍ୟକ୍ରମ ଜାରି ରହିଥିବା କମ୍ପାନୀର ବରିଷ୍ଠ ଉପସଭାପତି ପ୍ରଦୀପ କୁମାର ପାଣ୍ଡେ ସୂଚନା ଦେଇଛନ୍ତି।

# ବିତ୍ତୀୟ ନିଅଣ୍ଟ ନିୟନ୍ତ୍ରଣ ଉପରେ ଧ୍ୟାନ ଦେଉ ଭାରତ: ଗୀତା ଗୋପୀନାଥ

ନୂଆଦିଲ୍ଲୀ,୧୬-୧୨





ଭାରତ ଏହାର ବିତ୍ତୀୟ ନିଅଣ୍ଟ ନିୟନ୍ତ୍ରଣ ଉପରେ ଧ୍ୟାନ ଦେଉ। ରାଜସ୍ୱ ସଂଗ୍ରହ ଉନ୍ନତ ହେବା ନେଇ ଆଶା କରାଯାଉଥିଲେ ମଧ୍ୟ ବିତ୍ତୀୟ ନିଅଣ୍ଟ ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି(ଆଇଏମ୍‌ଏଫ୍)ର ମୁଖ୍ୟ ଅର୍ଥନୀତିଜ୍ଞ ଗୀତା ଗୋପୀନାଥ ସୋମବାର କହିଛନ୍ତି। ୨୦୧୮ରେ ଭାରତର ପ୍ରକୃତ ଜିଡିପି ଅଭିବୃଦ୍ଧି ହାର ୬.୮% ରହିଛି। ୨୦୧୯ରେ ଭାରତର ବିକାଶ ହାର ୬.୧% ରହିବ ବୋଲିଆଇଏମ୍‌ଏଫ୍ ପୂର୍ବାନୁମାନରେ କହିଛି। ସେହିଭଳି ୨୦୨୦ ବର୍ଷ ଲାଗି ଭାରତର ବିକାଶ ହାର ୭% ଭାରତର ଅର୍ଥ ବ୍ୟବସ୍ଥାକୁ ସୁଧାରିବା ଲାଗି ଅଧିକ କାମ କରିବାର ଆବଶ୍ୟକତା ରହିଛି ବୋଲି ଗୋପୀନାଥ କହିଛନ୍ତି। ବାଣିଜ୍ୟିକ ବ୍ୟାଙ୍କଗୁଡିକର ବାଲାନ୍ସ ସିଟ୍ ସ୍ୱଚ୍ଛ ରଖିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

# ଜିଡିପି ପୂର୍ବାନୁମାନ ୪.୯%କୁ ଖସାଇଲା ମୁଡିସ୍

ନୂଆଦିଲ୍ଲୀ,୧୬-୧୨: ମୁଡିସ୍ ଇନଭେଷ୍ଟର୍ସ ସର୍ଭିସ ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ଭାରତର ବିକାଶ ପୂର୍ବାନୁମାନକୁ ୪.୯%କୁ ଖସାଇଛି। ଚାହିଦାରେ ହ୍ରାସ ଯୋଗୁ ଅଭିବୃଦ୍ଧି ଖସିବାର ପ୍ରମୁଖ କାରଣ ବୋଲି ଏହା ପ୍ରକାଶ କରିଛି। ସେହିଭଳି ଭାରତରେ ଋଣ ଯୋଗାଣ କ୍ଷେତ୍ରରେ ସମସ୍ୟା ରହିଥିବା ଏହା କହିଛି। ଚଳିତ ଆର୍ଥିକ ବର୍ଷ ଭାରତର ଜିଡିପି ଅଭିବୃଦ୍ଧି ୫.୮% ରହିବ ବୋଲି ମୁଡିସ ପୂର୍ବରୁ କହିଥିବାବେଳେ ଏହାକୁ ୪.୯%କୁ ଖସାଇଛି। ଏହାବାଦ ଭାରତରେ ନିବେଶ ହ୍ରାସ, ଗ୍ରାମାଞ୍ଚଳ ପରିବାରଗୁଡିକରେ ଆର୍ଥିକ ସମସ୍ୟା, କୃଷି କ୍ଷେତ୍ର ମଜୁରୀରେ ସ୍ଥିରତା, ଜଟିଳ ଶ୍ରମ ଆଇନ ଏବଂ ନିଯୁକ୍ତି ହ୍ରାସ ଭାରତୀୟ ବଜାରକୁ ପ୍ରଭାବିତ କରୁଥିବା ମୁଡିସର ସହକାରୀ ଉପସଭାପତି ଦେବରାହ ତାନ କହିଛନ୍ତି।

# ସାମ୍‌ସଙ୍ଗର ବଡ ଫର୍ମାଟ ମାଇକ୍ରୋ ଏଲ୍‌ଇଡି

ନୂଆଦିଲ୍ଲୀ,୧୬-୧୨: ସାମ୍‌ସଙ୍ଗ ପକ୍ଷରୁ ବଡ ଫର୍ମାଟ ମାଇକ୍ରୋ ଏଲ୍‌ଇଡି ଡିସପ୍ଲେ ଦି ଓ୍ୱାଲର ଶୁଭାରମ୍ଭ କରାଯାଇଛି। ଏଥିରେ ୦.୮ ଏମ୍‌ଏମ୍ ପିକ୍ସେଲ ପିଚ୍ ଟେକ୍ନୋଲୋଜି ରହିଛି ଯାହା ଅତୁଳନୀୟ ପିକ୍‌ଚର ଗୁଣବତ୍ତା ପ୍ରଦାନ କରିବ। ଏହା ୧୪୬ ଇଞ୍ଚ ବର୍ଗରେ ୪କେ ଡେଫିନେଶନ, ୨୧୯ ଇଞ୍ଚ ୬କେ ଡେଫିନିଶନ ଏବଂ ୨୯୨ ଇଞ୍ଚ ବଗରେ ୮ କେ ଡେଫିନିଶନ ସହ ଆସୁଛି। ଏଥିରେ ପିକ୍‌ଚର ଏନହାନ୍ସମେଣ୍ଟ, ହାଇ ବ୍ରାଇଟନେସ, ହାଇ କଣ୍ଟ୍ରାଷ୍ଟ ରହିଛି। ଏହା ଗ୍ରାହକଙ୍କୁ କଷ୍ଟମାଇଜ ଅଭିଜ୍ଞତା ପ୍ରଦାନ କରିବ। ଗ୍ରାହକଙ୍କ ଜୀବନ ଶୈଳୀ ଏବଂ ରୁଚିକୁ ବିଚାର କରି ଏକ ପ୍ରିମିୟମ ଭିଜୁଆଲ ଅଭିଜ୍ଞତା ପ୍ରଦାନ ଦିଗରେ କାର୍ଯ୍ୟକ୍ରମ ଜାରି ରହିଥିବା ସାମ୍‌ସଙ୍ଗ ଇଣ୍ଡିଆର ଉପସଭାପତି ପୁନୀତ ସେଠୀ କହିଛନ୍ତି।


**ODISHA HYDRO POWER CORPORATION LTD**
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT,
AT/P.O.:BARINIPUT; DIST.: KORAPUT (ODISHA) -764006
Telephone: 06854 – 242 001 Fax: 06854 – 242 038
Email ID: sgmel_ukhep@ohpcltd.com
CIN: U40101OR1995SGC003963
No. CAD-692:-

**1ST CORRIGENDUM TO OPEN TENDER CALL NOTICE**
NO. UKHEP- 25 /2019-20 dtd. 20.11.2019

Tenders are invited in sealed envelopes from Manufactures / authorized dealers /reputed suppliers for supply of "Tolley Mounted 50 Ltr. Water Mist Fire Fighting System High Pressure Design for UKHEP, Bariniput."

| Sl. No. | Description of materials | Cost of tender paper | EMD in Rs. |
|---|---|---|---|
| 1 | Supply of "Tolley Mounted 50 Ltr. Water Mist Fire Fighting System High Pressure Design for UKHEP, Bariniput." | Rs. 2360/- | 1% of quoted value |

Sale of tender paper: - from 13:00 Hrs. of 20.12.2019
Last date of submission of tender – 16:00 Hrs. of 30.12.2019
Date & Time of opening of tender – 16:30 Hrs. of 30.12.2019
For details of the tender documents, terms and conditions please visit our website www.ohpcltd.com
04002/11/0055/1920 C & P Head, UKHEP, Bariniput.



**STATE LABOUR INSTITUTE, ODISHA, BHUBANESWAR**
*An Autonomous Body of Govt. of Odisha*
No.K-19

**Expression of Interest**

Expression of Interest is invited from the Reputed Research Institutions / Universities / Individual Researchers / NGOs / Consultancy Organisations / Trade Unions with adequate experience / expertise in the field of labour & labour related research activities for undertaking case study & operational research on different aspects:

The Organizations / individuals researchers interested to undertake the assignment / assignments are requested to visit the website "http://labour.odisha.gov.in" or "*labdirodisha.gov.in*" or "sli.odisha.gov.in" for the details about the terms of reference (ToR) along with the proposal format.

17008/11/0001/1920 Sd/- Director, SLI



ରହିବା ନେଇ ... ମାନ ଲଗାଇଛି।

**ODISHA UNIVERSITY OF AGRICULTURE & TECHNOLOGY**
**BHUBANESWAR - 751003,ODISHA**
Tele /Fax: 0674-2397424(0) Email: registrarouat@gmail. com
Acd-III-I-09/18- 20007 /UAT., Dt 16.12.2019

**CONVOCATION NOTICE**

The 38th. Convocation of the Odisha University of Agriculture & Technology, Bhubaneswar will be held on **21st December,2019** at 11.30 A.M in the Dr. M. S. Swaminathan Hall, 2nd Floor of the University Building, OUAT, Bhubaneswar.
The Degrees of Ph.D for the year, 2018 & 2019 ( pass out) and the Degrees of P.O. & U.G. Courses completed in the year 2018 (Pass out) will be conferred and be awarded to the successful candidates. The recipients of Ph.D Degree / Gold Medals/Prizes shall have to apply in the prescribed form available in OUAT website through the concerned Deans / Directors with advance copy to the Asst. Registrar OUAT through email (**ouatacademic62@gmail.com**).The Ph.D Degree students only will have to apply the same along with a Demand Draft for **Rs. 1550.00** (Rupees one thousand five hundred fifty only) drawn in favour of **Comptroller, OUAT, Bhubaneswar payable at SBI, OUAT Campus Branch, Bhubaneswar** on or before **17.12.2019** towards the fees of Degree Certificate and Academic Robes.
Recipients of Gold Medals / Prizes and the Ph.D. Degree holders are required to attend a Rehearsal on **20.12.2019 at 10.00 A.M.** in Dr. M.S.Swaminathan Hall, 2nd Floor of the University Building.
For further information please visit **ouat.nic.in.**
**Sd./- REGISTRAR**



**କଟକ ଉନ୍ନୟନ କର୍ତ୍ତୃପକ୍ଷ**
C.D.A **ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨**

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର – 10 ରେ କମର୍ସିଆଲ ପ୍ଲଟ ନଂ – 10-6-CM-1627/L ଟିକୁ ଶ୍ରୀ ଅଶୋକ କୁମାର ଅଗ୍ରୱାଲ, ପିତା – ୰ ବାଲକିଷାନ ଅଗ୍ରୱାଲ, ସା – କ୍ଲଥ ଟ୍ରେଡିଙ୍ଗ କମ୍ପାନୀ, ଯାଉଁଳିଆପଟି, ପୋ – ତେଲେଙ୍ଗା ବଜାର, ଥା – ପୁରୀଘାଟ, ଜିଲ୍ଲା – କଟକଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଅଶୋକ କୁମାର ଅଗ୍ରୱାଲ ଉକ୍ତ ପ୍ଲଟଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଦୀପକ କୁମାର ଅଗ୍ରୱାଲ, ପିତା – ୰ ମୋହନଲାଲ ଅଗ୍ରୱାଲ, ସା – ପ୍ଲଟ ନଂ – 6B/1636, ସେକ୍ଟର – ୧୦, ପୋ/ଥା–ମର୍କତନଗର, ଜିଲ୍ଲା – କଟକ – ୭୫୩୦୧୪ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି । ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତପ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।
ସଚିବ



**WESCO** **ୱେସ୍କୋ ୟୁଟିଲିଟି**
ମୁଖ୍ୟ କାର୍ଯ୍ୟାଳୟ,ବୁର୍ଲା,ଜିଲ୍ଲା–ସମ୍ବଲପୁର– ୭୬୮୦୧୭ (ଓଡ଼ିଶା)

**ସର୍ବସାଧାରଣ ବିଜ୍ଞପ୍ତି**
କେସ୍ ନଂ. ୭୮/୨୦୧୯

**ବିଷୟ: ଆର୍ଥିକ ବର୍ଷ– ୨୦୨୦–୨୧ ପାଇଁ ହ୍ୱିଲିଂ ଶୁଳ୍କ, ଅଧିଭାର ଦେୟ ଏବଂ ଅତିରିକ୍ତ ଅଧିଭାର ଦେୟ ଅନୁମୋଦନ ନିମନ୍ତେ ୱେସ୍କୋ ୟୁଟିଲିଟିର ଆବେଦନ**

ମେସର୍ସ ୱେସ୍କୋ ୟୁଟିଲିଟି ପକ୍ଷରୁ ୨୦୨୦–୨୧ ଆର୍ଥିକ ବର୍ଷ ପାଇଁ ହ୍ୱିଲିଂ ଶୁଳ୍କ (Wheeling Charges), ଅଧିଭାର ଦେୟ (Surcharge) ଓ ଅତିରିକ୍ତ ଅଧିଭାର (Additional Surcharge) ଦେୟ ଅନୁମୋଦନ ପାଇଁ ଆବେଦନ କରାଯାଇଛି । ବିଦ୍ୟୁତ ଆଇନ, ୨୦୦୩ ଧାରା– ୪୨ ଅନୁଯାୟୀ ଓ ଓ.ଇ.ଆର.ସି (ଓପନ୍ ଆକ୍‌ସେସ୍ ଦେୟ ନିର୍ଦ୍ଧାରଣ) ବିନିମୟ, ୨୦୦୬ର ବିନିମୟ– 4 (1) (xiv), 2 (vii) ଓ 3 (vi) ଏବଂ ଓ.ଇ.ଆର.ସି (ଓପନ ଆକ୍‌ସେସ୍ ସର୍ତ୍ତାବଳୀ) ବିନିମୟ, ୨୦୦୫ର ଅନ୍ୟାନ୍ୟ କ୍ଷମତାପନ୍ନ ବ୍ୟବସ୍ଥାର ଆନୁରୂପ୍ୟ ଅନୁପାଳନ ପୂର୍ବକ ଏହି ଆବେଦନ କରାଯାଇଛି ।

ଆୟୋଗଙ୍କ ୱେବସାଇଟ୍– **www.orierc.org**/ ୱେସ୍କୋ ୟୁଟିଲିଟି ୱେବସାଇଟ୍– **www.wescoodisha.com** ରୁ ଡାଉନ୍‌ଲୋଡ୍ ଦ୍ୱାରା କିମ୍ବା ଫଟୋକପି ବାବଦ ଖର୍ଚ୍ଚ ଟ. ୨୫/– (ପଚିଶ ଟଙ୍କା) ଦେଇ ଆୟୋଗଙ୍କ କାର୍ଯ୍ୟାଳୟରେ ଏହି ଆବେଦନପତ୍ରର ନକଲ ମିଳିପାରିବ । ଏକ 'ଶୁଣାଣି' ମାଧ୍ୟମରେ ଏହି ମାମଲାର ଫଇସଲା ପାଇଁ ଆୟୋଗ (Commission) ନିଷ୍ପତ୍ତି ନେଇଛନ୍ତି ଏବଂ ଏହି 'ଶୁଣାଣି' ପାଇଁ ନିର୍ଦ୍ଧାରିତ ତାରିଖ ପରେ ଜଣାଇ ଦିଆଯିବ ।

ଇଚ୍ଛୁକ ବ୍ୟକ୍ତି/ ଅନୁଷ୍ଠାନ/ ସଂଗଠନ ଏ ସଂକ୍ରାନ୍ତରେ ସେମାନଙ୍କର ମତ/ ପ୍ରସ୍ତାବ/ ଆପତ୍ତି ଏକ ଶପଥପତ୍ର ମାଧ୍ୟମରେ ଆୟୋଗଙ୍କ ଠାରେ **ତା.୧୬.୦୧.୨୦୨୦** ରିଖରେ ଦାଖଲ କିମ୍ବା ଏହା ପୂର୍ବରୁ ଦାଖଲ କରିପାରିବେ ଏବଂ ଏହାର ନକଲ ଆବେଦନକାରୀ– ୱେସ୍କୋ ୟୁଟିଲିଟିକୁ ଜାରି ପୂର୍ବକ ଆୟୋଗଙ୍କ ଦ୍ୱାରା ନିର୍ଦ୍ଧାରିତ ତାରିଖ ଓ ସମୟରେ ଏହି 'ଶୁଣାଣି'ରେ ଅଂଶ ଗ୍ରହଣ କରିପାରିବେ ।

**ତାରିଖ. ୧୭.୧୨.୨୦୧୯** **ସ୍ୱା/– ପ୍ରାଧିକୃତ ଅଧିକାରୀ, ୱେସ୍କୋ ୟୁଟିଲିଟି**



**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଗୁଡ଼ଭେଲା**

**ବିଜ୍ଞାପନ ସଂଖ୍ୟା.୨୦୬୫** **ତାରିଖ:୧୨।୧୨।୨୦୧୯**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ୨୦୧୯–୨୦ ଆର୍ଥିକ ବର୍ଷରେ ପ୍ରଥମ ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା MGNREGAରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡିକର ମଷ୍ଟରରୋଲର ଶତ ପ୍ରତିଶତ ଯାଞ୍ଚ ଏବଂ NSAPର Acquaintance ଓ ଭତ୍ତା ଖାତା ଯାଞ୍ଚ (ଆର୍ଥିକ ବର୍ଷ ୨୦୧୯–୨୦ 1st APRIL, 2019 ରୁ 30th SEPT 2019 ମଧ୍ୟରେ) ଏବଂ ସାମାଜିକ ସମୀକ୍ଷା ନିମନ୍ତେ ନିମ୍ନ କାର୍ଯ୍ୟସୂଚୀ ମୁତାବକ ଗ୍ରାମପଞ୍ଚାୟତ ସଦର ମହକୁମାଗୁଡିକରେ (ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ) ଗ୍ରାମସଭା ଅନୁଷ୍ଠିତ ହେବ। ଉକ୍ତ ସଭାରେ ଗ୍ରାମାଞ୍ଚଳରେ ବାସକରୁଥିବା ସମସ୍ତ ଜବ୍‌କାର୍ଡଧାରୀ ଶ୍ରମିକ, ଗାଁ ସାଥୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ନିର୍ବାଚନ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ଭିଜିଲାନ୍ସ ମନିଟରିଙ୍ଗ କମିଟିର ସଭ୍ୟସଭ୍ୟା ଓ ଭତ୍ତା ପାଉଥିବା ହିତାଧିକାରୀ ତଥା ଜନସାଧାରଣ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଗଲା।

| କ୍ର. ନଂ. | ଗ୍ରା.ପ.ର ନାମ | ସାମାଜିକ ସମୀକ୍ଷା ସମୟ (NSAP) | ସାମାଜିକ ସମୀକ୍ଷା ସମୟ (MGNREGA | ଗ୍ରାମସଭା ତାରିଖ | ସ୍ଥାନ | ବ୍ଲକ ଜନ ଶୁଣାଣି | ଯୋଗ ଦେବାକୁ ଥିବା ଅଧିକାରୀ |
|---|---|---|---|---|---|---|---|
| ୧ | ଜାମୁଟ | ୧୮।୧୨।୨୦୧୯ ରୁ ୨୨।୧୨।୨୦୧୯ | ୨୨।୧୨।୨୦୧୯ ରୁ ୨୮।୧୨।୨୦୧୯ | ୨୮।୧୨।୨୦୧୯ | ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ | ୧୫।୦୨।୨୦୨୦ | H. Mishra (GPEO), PEO, GRS |
| ୨ | ବିରାମୁଣ୍ଡା | | | | | | J. Dehury (JE), PEO, GRS |
| ୩ | ଘୁନା | | | | | | P.Sahu (APO), PEO, GRS |
| ୪ | ଗମ୍ଭାରୀଗୁଡା | | | | | | D. Mahananda (GPTA), PEO, GRS |
| ୫ | ଗୁଡଭେଲା | | | | | | A. Padhan, (BPC), PEO, GRS |
| ୬ | ମାଢ଼େକେଲା | ୨୯।୧୨।୨୦୧୯ ରୁ ୦୨।୦୧।୨୦୨୦ | ୦୨।୦୧।୨୦୨୦ ରୁ ୦୮।୦୧।୨୦୨୦ | ୦୮।୦୧।୨୦୨୦ | | | D. Mahananda (GPTA), PEO, GRS |
| ୭ | ତେନ୍ତୁଲିଖୁଣ୍ଟି | | | | | | D.Marandi, (PA), PEO GRS |
| ୮ | ଦେଉଳଗୁଡି | | | | | | H. Mishra (GPEO), PEO, GRS |
| ୯ | ରୁଷୁଡା | | | | | | P.Sahu (APO), PEO, GRS |
| ୧୦ | ସମରା | ୧୦।୦୧।୨୦୨୦ ରୁ ୧୪।୦୧।୨୦୨୦ | ୧୫।୦୧।୨୦୨୦ ରୁ ୨୦।୦୧।୨୦୨୦ | ୨୧।୦୧।୨୦୨୦ | | | J. Dehury (JE), PEO, GRS |
| ୧୧ | ଚିଂଚେଡ | | | | | | H. Mishra (GPEO), PEO, GRS |
| ୧୨ | ବଡଙ୍ଗୋମୁଣ୍ଡା | | | | | | R. Bastia, (NA), PEO, GRS |
| ୧୩ | ନୂଆଁପଡା | | | | | | D.Marandi, (PA), PEO GRS |

**ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗୁଡ଼ଭେଲା**

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ମଙ୍ଗଳବାର, ଡିସେମ୍ବର ୧୭/୨୦୧୯ Balasore, Tuesday, December 17/2019

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ନାବାଳକ ମୃତ

ଯୋଡ଼ା, ୧୬।୧୨(ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡ଼ା ସହରର କଲ୍ୟାଣମଣ୍ଡପଠାରେ ରବିବାର ରାତିରେ ଏକ ବିବାହ ଭୋଜିକୁ ଯାଇଥିବା ସ୍ଥାନୀୟ ଜଣେ ନାବାଳକଙ୍କ ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଥିବା ଜଣାପଡିଛି। ରବିବାର ରାତିରେ ଉକ୍ତ କଲ୍ୟାଣ ମଣ୍ଡପରେ ଏକ ବିବାହ ଭୋଜିର ଆୟୋଜନ ହୋଇଥିଲା। ଏଥିରେ ସ୍ଥାନୀୟ ହଟିଂର କିଛି ପିଲାମାନେ ଭୋଜି ଖାଇବାକୁ ଯାଇଥିଲେ। କଲ୍ୟାଣ ମଣ୍ଡପରେ ବିଦ୍ୟୁତଚାଳିତ ଲିଚୁ ଲାଇଟ୍ ସଜାଯାଇଥିଲା। କୌଣସି କାରଣବଶତଃ ଲିଚୁ ଲାଇଟର ଖୋଲା ତାର ପାଖରେ ଥିବା ଲୁହା ଗ୍ରୀଲରେ ଲାଗିଯାଇଥିଲା। ତେବେ ଉକ୍ତ ନାବାଳକ ଜଣକ ଲୁହାଗ୍ରୀଲ ସଂସ୍ପର୍ଶରେ ଆସି କରେଣ୍ଟ ଖାଇ ଗୁରୁତର ହୋଇପଡିଥିଲେ। ପରେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନିଆଯାଇଥିଲେ ହେଁ ନାବାଳକଙ୍କ ମୃତ୍ୟୁ ଘଟିଥିଲା। ସୋମବାର ଯୋଡା ପୋଲିସ ଏକ ମାମଲା (ନଂ.୨୨୩/୨୦୧୯) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ତେବେ ମୃତ୍ୟୁର ପ୍ରକୃତ କାରଣ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ ବୋଲି ଯୋଡା ଥାନା ଆଇଆଇସି ରାଇସେନ୍ ମୁର୍ମୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ସ୍ତ୍ରୀ ମୃତଦେହକୁ ଟ୍ରଲିରେ ବୋହିନେଲେ ସ୍ୱାମୀ

ଉଦଳା,୧୬।୧୨(ଡି.ଏନ୍.ଏ.)

ସ୍ତ୍ରୀଙ୍କ ମୃତଦେହକୁ ତାଙ୍କ ସ୍ୱାମୀ ଟ୍ରଲିରେ ରଖି ବୋହି ନେବା ଭଳି ଏକ ଘଟଣା ପଦାକୁ ଆସିଛି। ସୋମବାର ସନ୍ଧ୍ୟାରେ ମୃତଦେହକୁ ଟ୍ରଲିରେ ନିଆଯାଉଥିବା ଖବରପାଇ ମୟୂରଭଞ୍ଜ ଜିଲା ଉଦଳା ଥାନା ପୋଲିସ ଏଠାରୁ ୮ କି.ମି ଦୂର ନାବରା ଜଙ୍ଗଲ ପାର୍ଶ୍ୱସ୍ଥ ରାସ୍ତାରୁ ଏହାକୁ ଜବତ କରି ତଦନ୍ତ କରୁଛି। ରାତି ସମୟ ହୋଇଥିବାରୁ ମହିଳାଙ୍କ ମୃତଦେହକୁ ଉର୍ମଳ ଗ୍ରାମର ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରେ ରଖାଯାଇଥିଲା। ପରେ ପୋଲିସ ଏକ ଅଟୋ ଯୋଗେ ମୃତଦେହକୁ ସମ୍ପୃକ୍ତ ବ୍ୟକ୍ତିଙ୍କ ଗ୍ରାମକୁ ପଠାଇଛି।

ମୃତା ମହିଳାଙ୍କ ସ୍ୱାମୀ କପ୍ତିପଦା ଥାନା ସାନକୁନୁପାଳ ଗ୍ରାମର ଖେଲା ସୋରେନ୍ ଟ୍ରଲିରେ ତାଙ୍କ ସ୍ତ୍ରୀଙ୍କ ମୃତଦେହକୁ ବୋହିନେବା ଘଟଣା ସମ୍ପର୍କରେ ଦେଇଥିବା ବୟାନ ପୋଲିସ ତଥା ଅଞ୍ଚଳବାସୀଙ୍କୁ ଚକିତ କରିଛି। ସେ କହିଛନ୍ତି, ତାଙ୍କ ସ୍ତ୍ରୀ ରାଇମାତ ସୋରେନ୍ ଗର୍ଭକଷ୍ଟ ପାଇବାରୁ ତାଙ୍କୁ ନେଇ ବାରିପଦା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ରବିବାର ସେ ଏକ ଶିଶୁ ପୁତ୍ରକୁ ଜନ୍ମ ଦେବା ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଏଭଳି ସ୍ଥିତିରେ ସେ ଅସହାୟ ହୋଇ ଶିଶୁ ପୁତ୍ରକୁ ଡାକ୍ତରଖାନାରେ ଛାଡି ସ୍ୱର୍ଗରଥ ଗାଡ଼ିରେ ସ୍ତ୍ରୀଙ୍କ ମୃତଦେହକୁ ଜଣେ ନିକଟସ୍ଥ ସମ୍ପର୍କୀୟଙ୍କ ଘରକୁ ଆଣିଥିଲେ। ସେଠାରେ ସ୍ୱର୍ଗରଥ ମୃତଦେହକୁ ଛାଡି ଫେରିଯାଇଥିଲା। ଖେଲା ସୋରେନଙ୍କ ସମ୍ପର୍କୀୟମାନେ ମୃତଦେହ ସତ୍କାର ପାଇଁ ରାଜି ନ ହେବାରୁ ସେ ନିରୁପାୟ ହୋଇ ଏକ ଟ୍ରଲି ମାଗି ଆଣି ନିଜ ଗାଁକୁ ମୃତଦେହକୁ ନେଉଥିଲେ। ହାତରେ ଅର୍ଥ ନ ଥିବାରୁ ସେ କୌଣସି ଗାଡ଼ି ଭଡ଼ାରେ ଆଣିବାକୁ ସମର୍ଥ ହୋଇ ନ ଥିଲେ। ଉର୍ମଳ ଗ୍ରାମର ସମ୍ପର୍କୀୟମାନେ ଶବଦାହ କରିବାକୁ ମନା କରିବା କାରଣ ସ୍ପଷ୍ଟ ହୋଇ ନାହିଁ। ସରକାର ମୃତଦେହକୁ ଅସମ୍ମାନିତ ନ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଖେଲା ସୋରେନ ସ୍ତ୍ରୀଙ୍କ ମୃତଦେହକୁ ଟ୍ରଲିରେ ବୋହି ନେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।


ସ୍ତ୍ରୀଙ୍କ ମୃତଦେହକୁ ସ୍ୱାମୀ ଟ୍ରଲିରେ ବୋହି ନେଉଛନ୍ତି।

# ମେଡିକାଲ ବାରଣ୍ଡାରୁ ଶିଶୁ କନ୍ୟା ଉଦ୍ଧାର

ବାରିପଦା ଅଫିସ/ ବେତନଟୀ,୧୬।୧୨(ଡ଼ି.ଏନ୍.ଏ)

ମୟୂରଭଞ୍ଜ ଜିଲା ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବାରଣ୍ଡାରୁ ସୋମବାର ଅପରାହ୍ନରେ ଏକ ଶିଶୁ କନ୍ୟାଙ୍କୁ ଉଦ୍ଧାର କରାଯାଇଛି। ଏହି ଶିଶୁ କନ୍ୟା ପ୍ରାୟ ୧୦ ଦିନ ତଳେ ଜନ୍ମ ହୋଇଥିବା ମେଡିକାଲ କର୍ମଚାରୀମାନେ କହିଛନ୍ତି।

ସୂଚନା ଅନୁଯାୟୀ, ମେଡିକାଲ ପଛପଟ ଗେଟରେ କେହି ଜଣେ ଆସି ଏହି ଶିଶକନ୍ୟାଙ୍କୁ ମେଡିକାଲ ବାରଣ୍ଡାରେ ଛାଡ଼ି ଦେଇ ଯାଇଥିଲେ। ଶିଶୁ କନ୍ୟାଙ୍କ କାନ୍ଦ ଶୁଣି ଜଣେ ରୋଗୀଙ୍କ ସମ୍ପର୍କୀୟ ଡ୍ୟୁଟିରେ ଥିବା ନର୍ସମାନଙ୍କୁ ଖବର ଦେଇଥିଲେ। ପରେ ନର୍ସମାନେ ଏହି ଶିଶୁଙ୍କୁ ଉଦ୍ଧାର କରି ଚିକିତ୍ସା ଆରମ୍ଭ କରିଛନ୍ତି। ଶିଶୁକନ୍ୟା ସୁସ୍ଥ ଥିବା ଜଣାପଡିଛି। ତେବେ କିଏ ଏହି ଶିଶୁ କନ୍ୟାଙ୍କୁ ଏଠାରେ ଛାଡ଼ି ଯାଇଛି ସେ ନେଇ ତଦନ୍ତ କରାଯିବ ବୋଲି ଏନଏଚଏମର ପ୍ରୋଗ୍ରାମ ମ୍ୟାନେଜର ସସ୍ମିତା ଦାସ କହିଛନ୍ତି। ମେଡିକାଲର ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ କରାଯିବ। ନିୟମ ଅନୁଯାୟୀ ଉଦ୍ଧାର ଶିଶୁଙ୍କୁ ଥଇଥାନ କରାଯିବ ବୋଲି ମଧ୍ୟ ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏହି ଥାନା ଅଧୀନ କେନ୍ଦୁଛାଟିଆ ଜଙ୍ଗଲରୁ ଗତ ୭ ତାରିଖରେ ଏକ ଶିଶୁ କନ୍ୟା ଉଦ୍ଧାର ହୋଇଥିଲେ। ଏହି ଦୁଇ ଘଟଣାକୁ ଅନୁଧ୍ୟାନ କଲେ ଶିଶୁ କନ୍ୟା ଏବେବି ଅଲୋଡା ସାଜିଥିବା ପ୍ରମାଣିତ ହେଉଛି।

### ବାପା-ଝିଅଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

# ଅଭିଯୁକ୍ତ ଗିରଫ, ବାଇକ୍ ଓ ମାରଣାସ୍ତ୍ର ଜବତ

ବନ୍ତ,୧୬।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ନିଲୋକ ପଞ୍ଚାୟତ ଦୋଳପଦୀ ଅଞ୍ଚଳର ବାପଝିଅଙ୍କୁ ଗତ ୩୦ ତାରିଖରେ ଶିଆଳିଆ-ଦୋଳପଦୀ ରାସ୍ତାର ଡାଳିମ୍ବଗଡ଼ିଆ କେନାଲ ଛକଠାରେ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏହି ଘଟଣାର ଅଭିଯୁକ୍ତଙ୍କୁ ପୋଲିସ ରବିବାର ରାତିରେ ଭଦ୍ରକ ସହରାଞ୍ଚଳରୁ ଗିରଫ କରିଛି। ସେ ହେଲେ ଭଦ୍ରକ ପୁରୁଣାବଜାର ଥାନା ବାଲିପାଟଣା ଗ୍ରାମର ରାଜାରାମ ନାୟକ(୩୨)। ଏଥିସହ ପୋଲିସ ତାଙ୍କର ବ୍ୟବହୃତ ବାଇକ୍‌କୁ ଚରମ୍ପା ଅଞ୍ଚଳରୁ ଏବଂ ଘଟଣାସ୍ଥଳ ନିକଟ ନୟନଯୋରୀରୁ ମାରଣାସ୍ତ୍ର ଜବତ କରିଛି। ଗିରଫ ରାଜାରାମଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି।

ପୋଲିସ ସୂଚନା ଅନୁଯାୟୀ, ୫ ବର୍ଷ ତଳେ ମୋବାଇଲ ଫୋନ ମାଧ୍ୟମରେ ସମ୍ପୃକ୍ତ ଯୁବତୀଙ୍କ ସହ ରାଜାରାମଙ୍କର ପରିଚିତ ହୋଇଥିଲା। ଯୁବତୀ ଜଣଙ୍କ ଡିଗ୍ରୀ ଇଞ୍ଜିନିୟରିଂ ପାସ୍ କରିଥିବାବେଳେ ରାଜାରାମ ମାଟ୍ରିକ୍ ପାସ୍ କରିଛନ୍ତି। ତାଙ୍କ ବିବାହ ପ୍ରସ୍ତାବରେ ଝିଅ ପରିବାର ଲୋକେ ରାଜି ହୋଇ ନ ଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ ସେ ଏଭଳି କାଣ୍ଡ ଘଟାଇଥିଲେ ବୋଲି ସ୍ୱୀକାର କରିଛନ୍ତି। ଉଲ୍ଲେଖନୀୟ ଯେ, ଆକ୍ରମଣରେ ଗୁରୁତର ବାପଝିଅ ଗତ ୧୫ ଦିନ ହେବ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଘରକୁ ଫେରିଥିବାବେଳେ ଯୁବତୀଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିବା ଜାଣିବାକୁ ମିଳିଛି। ବନ୍ତ ଥାନା ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଜାଲ ବିଛାଇ ଥିଲା। ରବିବାର ରାତିରେ ଥାନାଧିକାରୀ ମିନା ବିନ୍ଧାଣୀଙ୍କ ନେତୃତ୍ୱରେ ପୋଲିସ ଟିମ୍ ଭଦ୍ରକ ସହରାଞ୍ଚଳରେ ଚଢ଼ାଉ କରି ଅଭିଯୁକ୍ତ ରାଜାରାମଙ୍କୁ ଧରିଛି।

# ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ଥାନାରେ ମାମଲା, ଅଭିଯୁକ୍ତ ଗିରଫ

ସଜନାଗଡ଼,୧୬।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଞ୍ଚଳର ଜଣେ ଆଦିବାସୀ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପରିବାର ଲୋକେ ଏନେଇ ରବିବାର ନୀଳଗିରି ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା (ନଂ.୩୨୮/୧୯) ରୁଜୁ କରାଯାଇଛି। ଆଇଆଇସି ମିନତି ବିଶ୍ୱାଳ ଏହାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛନ୍ତି।

ନୀଳଗିରି ଥାନା ଅଞ୍ଚଳରେ ଶନିବାର କରମାପୂଜା ଚାଲିଥିବା ବେଳେ ସମସ୍ତେ ନାଚଗୀତରେ ମସ୍‌ଗୁଲ ରହିଥିଲେ। ମା' ପାଖ ସ୍କୁଲରେ ରୋଷେଇ କରିବାକୁ ଯାଇଥିଲେ। ଏହି ସମୟରେ ଘରେ କେହି ନ ଥିବାର ସୁଯୋଗ ନେଇ ବୁଦ୍ଧିଆ ସିଂ (୨୮) ନାମକ ଯୁବକ ତାଙ୍କ ଘରେ ପଶି ବଳାତ୍କାର କରି ବାହାରୁଥିବା ବେଳେ ନାବାଳିକାଙ୍କ ମା' ଦେଖିଦେଇଥିଲେ। ସେ ଆସି ତାଙ୍କୁ ଝିଅକୁ ପଚାରିବାରୁ ସମସ୍ତ ଘଟଣା କହିଥିଲେ। ପରେ ପରିବାର ସମେତ ଗ୍ରାମବାସୀ ମିଶି ବୁଦ୍ଧିଆଙ୍କୁ ପଚାରିବାରୁ ସେ ପାଲଟା ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି।


ଗିରଫ ଅଭିଯୁକ୍ତ।

# ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଧାରଣା

ଜଳେଶ୍ୱର, ୧୬।୧୨(ସ୍ୱ.ପ୍ର.)

ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ୫ ଦଫା ଦାବି ନେଇ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ଜିଲା ପ୍ରଶାସନ ପଦକ୍ଷେପ ନ ନେଲେ ଶ୍ରମ ଅଫିସ୍ ତାଲା ପକାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ।

୨୦୧୫-୧୬ରୁ ଜଳେଶ୍ୱର ବ୍ଲକ କମିଟି ଜରିଆରେ ପର୍ଯ୍ୟାୟକ୍ରମେ ଆବେଦନ କରାଯାଉଥିଲେ ମଧ୍ୟ କାହାକୁ ପରିଚୟପତ୍ର ମିଳିନାହିଁ। ଟ୍ରେଡ୍ ୟୁନିୟନଗୁଡିକ ନିର୍ମାଣ ଶ୍ରମିକ କାର୍ଯ୍ୟାଳୟରେ ଗୁରୁତ୍ୱ ଦିଆ ନ ଯାଇ ଦଲାଲମାନେ ସକ୍ରିୟ ଥିବା ସେମାନେ ଅଭିଯୋଗ କରିଥିଲେ। ଚିହ୍ନଟ ଶ୍ରମିକମାନେ ଆର୍ଥିକ ସହାୟତା ପାଉ ନ ଥିବାରୁ ଶ୍ରମିକମାନେ ଲିଖିତ ଭାବେ ଜଣାଇଥିଲେ। ଶ୍ରମ ଆଇନ୍ ସରଳୀକରଣ ହେବା ସହିତ ବ୍ଲକ କାର୍ଯ୍ୟାଳୟରେ ଶ୍ରମ ଦପ୍ତର ଖୋଲିବା ପାଇଁ ଦାବି କରିଥିଲେ। ଏଥିରେ ବ୍ଲକ କମିଟି ସମ୍ପାଦକ ପଲ୍ଟୁ ଦାସ, ସିପିଆଇଏମ୍‌ର ବ୍ଲକ ସମ୍ପାଦକ ଦିଲୀପ ଗିରି, ସିଆଇଟିୟୁର ବ୍ଲକ ସଭାପତି ଦୀପ୍ତିମାନ ଆଚାର୍ଯ୍ୟ, ରାଜପୁର ସରପଞ୍ଚ ଦିଲୀପ ପରିଡ଼ା, ପ୍ରବୋଧ ବାରିକ, ରବିନ୍ଦ୍ର ବାରିକ, ପଙ୍କଜ ଦାସ, ବିନୋଜ ଜେନା, ବିଦ୍ୟାଧର ଖଟୁଆ, ଅଜୟ ପଲାଇ, କମଳାକାନ୍ତ ଜେନା, ତପନ ଜେନା, ଗଣେଶ ଜେନା, ନିରୋଜ ବେହେରା, କାର୍ତ୍ତୀକ ଜେନା, ଯୋଗେନ୍ଦ୍ର ବାରିକ, ସବିତାଭୂୟାଁ, ସେକ୍ ଅବଦୁଲ ସାଦିକ, ଗଣେଶ ଭୂୟାଁ ପ୍ରମୁଖ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ବିରୋଧୀ ନୀତିକୁ ବିରୋଧ କରିଥିଲେ।

### ଅର୍ଥ ହେରଫେର ଅଭିଯୋଗ

# ୨ ପଞ୍ଚାୟତ ନିର୍ବାହୀ ଅଧିକାରୀ ନିଲମ୍ବିତ

ବାଲେଶ୍ୱର ଅଫିସ,୧୬।୧୨

ଅର୍ଥ ହେରଫେର ଅଭିଯୋଗରେ ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆଗାଁ ପଞ୍ଚାୟତର ପୂର୍ବତନ ଓ ବର୍ତ୍ତମାନର ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି।

ନୂଆଗାଁ ପଞ୍ଚାୟତରେ ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ ଖୁଦିରାମ ଟୁଡୁ ଓ ବର୍ତ୍ତମାନର ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ସିଂ ଉଭୟେ ପଞ୍ଚାୟତ ଅର୍ଥକୁ ଇଲେକ୍ଟ୍ରି ବିଲ୍ ବାବଦରେ ହେରଫେର କରିଥିଲେ। ଏନେଇ ଖନ୍ତାପଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଜିଲାପାଳ ଚକ୍ରବର୍ତ୍ତୀଙ୍କ ଆଦେଶ ସଂଖ୍ୟା ୧୮୫, ତା ୧୫।୧୨।୨୦୧୯ରିଖରେ ଖୁଦିରାମ ଟୁଡୁ ଓ ଆଦେଶ ସଂଖ୍ୟା ୧୮୬, ତା ୧୫।୧୨।୨୦୧୯ ରିଖରେ ପ୍ରଶାନ୍ତ କୁମାର ସିଂଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଉଭୟେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଯୋଗଦେବେ। ଏହାସହ ପ୍ରକଳ୍ପ ନିର୍ଦ୍ଦେଶକ ରାମଚନ୍ଦ୍ର ଜେନାଙ୍କ ବିନା ଅନୁମତିରେ ହେଡକ୍ୱାର୍ଟର୍ସ ନ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉଭୟଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ ଚକ୍ରବର୍ତ୍ତୀ ରେମୁଣା ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ଉଥାଗତ ସତପଥୀ